ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି  ଫୋରମ ଅନ୍ ହ୍ୟୁମାନ୍ ରାଇଟସ୍ ଆନୁକୂଲ୍ୟରେ .....

| Month | Date | Volume No | Issue |
|---|---|---|---|
| Oct, 2013 | 02.11.2013 | iii | 9 |

# ବିଷୟସୂଚୀ


୧.ମହିଳାମାନଙ୍କ ଉପରେ ହିଂସା

- ନିଶାଦେଇ ଯୁବତୀଙ୍କୁ ଗଣଦୁଷ୍କର୍ମ.
- ବିଧବାଙ୍କୁ ଦୁଷ୍କର୍ମ ଉଦ୍ୟମ, ଜଣେ ଅଟକ
- ନ୍ୟାୟ ମାଗି ଜଳିଗଲେ ଶିକ୍ଷୟତ୍ରୀ.
- ଅଶାଳୀନ ବ୍ୟବହାରର ପ୍ରତିବାଦ କରିବାରୁ ଶିକ୍ଷୟତ୍ରୀଙ୍କୁ ଜାଳିଦେଲେ.
- ମଠ ମହନ୍ତଙ୍କ ଦୁଷ୍କର୍ମ ଉଦ୍ୟମ.
- ବୋହୁଙ୍କୁ ଯୌତୁକ ନିର୍ଯ୍ୟାତନା ଓ ଏସିଡ ମାଡ.
- ନବବିବାହିତାଙ୍କ ଆତ୍ମହତ୍ୟା, ଶ୍ୱଶୁର ଘର ଲୋକେ ଫେରାର.
- ପ୍ରସୂତିଙ୍କ ମୃତ୍ୟୁ, ଚିକିତ୍ସାରେ ଅବହେଳା ଅଭିଯୋଗ.

୨. ଶିଶୁମାନଙ୍କ ଅଧିକାର  ଉପରେ ହିଂସା.

- ୩ ଦିନର ଶିଶୁଙ୍କୁ ନିଆଁ ଚେଙ୍କ..
- ବାଣ ଭିଡା ବେଳେ ବିସ୍ଫୋରଣ,୨ ଛାତ୍ରଙ୍କ ସହ ୪ ଗୁରୁତର. .
- ମୋବାଇଲରେ ନାବାଳିକାର ଅଶ୍ଳୀଳ ଏସ.ଏମ.ଏସ, ଥାନାରେ ମାମଲା .
- ଛାତ୍ରୀଙ୍କ ସହ ଦୁଷ୍କର୍ମ ବେଳେ ଅଶ୍ଳୀଳ ଫଟୋ ଉତ୍ତୋଳନ,ଫଟୋ ନେଟରେ ଛାଡି ଅଭିଯୁକ୍ତ ଗିରଫ .
- ପୋଖରୀରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର.
- ଆଶ୍ରୟ ଦେଇ ନାବାଳିକାକୁ ଦୁଷ୍କର୍ମ.
- ନାବଳିକାକୁ ଦୁଷ୍କର୍ମ ଉଦ୍ୟମ, ଜଣେ ଅଟକ.
- ସ୍କୁଲ ଗେଟ ପଡି ଛାତ୍ରୀ ମୃତ.
- ନାବାଳିକାକୁ ଦୁଷ୍କର୍ମ ପରେ ସିଗାରେଟ ଚେଙ୍କ.

- ନବମ ଶ୍ରେଣୀ ଛାତ୍ରକୁ ଛୁରି ଭୁସି ହତ୍ୟା

୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- ରିଲିଫ ବଦଳରେ ଲାଠି ମାଡ.
- ପୁଲିସ ଉଠାଇ ନେଇଥିବା ଦୁଇ ଜଣଙ୍କର ପତା ମିଳୁନାହିଁ.
- ପିଲିସ ଜୁଲମ ପ୍ରତିବାଦରେ ଫାଣ୍ଡି ଘେରାଉ.
- ନକ୍ସଲ ଭାବି ଆଦିବାସୀଙ୍କୁ ଗୁଳି, ଯୁବକ ମୃତ୍ୟୁ.

୪. ବିକାଶ ପାଇଁ ବିନାଶ.

- ପୋସ୍କୋ ଫାଇଲ ସଜାଡିବାକୁ କେନ୍ଦ୍ରର ତାଗିଦ.

୫. ଗୁଣି ଗାରେଡି ସନ୍ଦେହରେ ବର୍ବର କାଣ୍ଡ, କୀଟନାଶକ ଇଞ୍ଜେକସନ ଦେଇ ବୃଦ୍ଧଙ୍କୁ ହତ୍ୟା.

୬. ଅନାହାରରେ ଆଖି ବୁଜିଲେ ବୃଦ୍ଧ.

୭. ଚିକିତ୍ସାରେ ଅର୍ଥ ବାଧକ ସାଜିଛି.

# ନିଶା ଦେଇ ଯୁବତୀଙ୍କୁ ଗଣଦୁଷ୍କର୍ମ

## ୩ ଅଟକ, ଘଟଣା ଚାପିବାକୁ ପୁଲିସର ଉଦ୍ୟମ

ଭୁବନେଶ୍ୱର, ୩୦।୧୦(ଇମିସ): ରାଜଧାନୀର ଏୟାରପୋର୍ଟ ଭିଆଇପି ରାସ୍ତା ପାର୍ଶ୍ୱରେ ଗଣ ଦୁଷ୍କର୍ମ ଅଭିଯୋଗ ହୋଇଛି। ଅଭିଯୋଗ ଆସିବା ପରେ ବଦନାମ୍ ଭୟରେ କମିସନରେଟ୍ ପୁଲିସ ଉପର ଅଫିସରଙ୍କଠାରୁ ଠାରୁ ତଳ ପର୍ଯ୍ୟନ୍ତ ଘଟଣାକୁ ଚାପି ଦେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏ ନେଇ କେହି ଗଣମାଧ୍ୟମ ସମ୍ମୁଖରେ ମୁହଁ ଖୋଲୁ ନାହାନ୍ତି। କହୁଛନ୍ତି ସେମିତି କିଛି ଅଭିଯୋଗ ଆସିନାହିଁ।

ମିଳିଥିବା ସୂଚନା ମୁତାବକ ଆଜି ସଂଧ୍ୟା ପ୍ରାୟ ୬ଟାବେଳେ ଏୟାରଫିଲ୍ଡ ଥାନା ଅଧୀନ ବିମାନବନ୍ଦର ନିକଟ ଏକ ପରିତ୍ୟକ୍ତ ଘରୁ ଜଣେ ନିଶାସକ୍ତ ଯୁବତୀଙ୍କୁ ପୁଲିସ ଉଦ୍ଧାର କରିଛି। ତାଙ୍କୁ ନିଶା ବଟିକା ଦିଆଯାଇ ଗଣ-ଦୁଷ୍କର୍ମ କରାଯାଇଥିବା ସେ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ପୁଲିସ ଜଣେ ଯୁବକକୁ ଅଟକ ରଖିଛି। ଏୟାରଫିଲ୍ଡ ଥାନା ପୁଲିସ ଯୁବତୀଙ୍କୁ ମହିଳା ଥାନାକୁ ପଠାଇ ଦେଇଛି। ମହିଳା ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

**ଅସୁରକ୍ଷିତ ରାଜଧାନୀ**

ବିମାନବନ୍ଦର ପାଣିଟାଙ୍କି ନିକଟ ପରିତ୍ୟକ୍ତ ଘରେ ଜଣେ ଯୁବତୀ କାନ୍ଦୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ଲୋକ ପୁଲିସ କଣ୍ଟ୍ରୋଲ୍ ରୁମ୍‌କୁ ଖବର ଦେଇଥିଲେ। ଖବର ପାଇ ପିସିଆର୍ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଦେଖିବାକୁ ପାଇଥିଲା ଯୁବତୀ ଜଣକ ସଂପୂର୍ଣ୍ଣ ନିଶାସକ୍ତ ଥିଲେ। ଯୁବତୀ ଜଣକ ପୁଲିସକୁ କହିଥିଲେ ଯେ ସେ କ୍ୟାପିଟାଲ୍ ହସ୍ପିଟାଲ୍ ଆସିଥିଲେ ଜଣେ ସମ୍ପର୍କୀୟ ରୋଗୀଙ୍କୁ ଦେଖା କରିବାକୁ। କିନ୍ତୁ ଜଣେ ଯୁବକ ତାଙ୍କୁ ଏକ ଅଟୋରେ ଡାକି ସେହି ଘରକୁ ନେଇ ଆସିଥିଲା। ସେଠାରେ ଏକ ପାଣିରେ ନିଶା ବଟିକା ମିଶାଇ ପିଇବାକୁ ଦେଇଥିଲା। ନିଶା ବଟିକା ଖୁଆଇବାକୁ ଦେଇ ସଂପୃକ୍ତ ଯୁବକ ଓ ତାର କେତେକ ସହଯୋଗୀ ମିଳିମିଶି ଗଣ ଦୁଷ୍କର୍ମ କରିଥିଲେ ବୋଲି ଯୁବତୀ ଜଣକ ପୁଲିସକୁ କହିଛି।

ଅନ୍ୟପକ୍ଷରେ ଏୟାରଫିଲ୍ଡ ଥାନାର ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯୁବତୀ ଜଣକ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ର ଅଞ୍ଚଳର। ସେ ତେଲଗୁ ଭାଷା କହୁଥିବାରୁ ପୁଲିସ ପ୍ରଥମେ କିଛି ବୁଝି ପାରି ନ ଥିଲା। ପରେ ତେଲଗୁ ଭାଷା ବୁଝି ପାରୁଥିବା ଜଣେ କନଷ୍ଟେବଲ୍ ଘଟଣା ସମ୍ପର୍କରେ ପୁଲିସ ଅଫିସରମାନଙ୍କୁ ବୁଝାଇ ଥିଲେ। କିନ୍ତୁ ଭୟରେ ସଂପୃକ୍ତ ଯୁବତୀ ଜଣକ ଅଭିଯୋଗ କରିବେ ନାହିଁ ବୋଲି କହୁଥିଲେ। ହେଲେ ସଂପୃକ୍ତ ଯୁବତୀଙ୍କୁ ମହିଳା ଥାନାକୁ ହସ୍ତାନ୍ତର କରାଯାଇଛି।

ମହିଳା ଥାନା ପୁଲିସ ଏଭଳି ଅଭିଯୋଗ ପାଇବା ପରେ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ସଂପୃକ୍ତ ଯୁବକକୁ ମହିଳା ଥାନା ପୁଲିସ ପଚରା ଉଚରା ଆରମ୍ଭ କରିଛି। ତା ସହିତ ଆଉ କେଉଁମାନେ ଥିଲେ ପୁଲିସ ସେ ସବୁ ଜାଣିବା ପରେ ଏକ ଟିମ୍ ସେମାନଙ୍କୁ ଗିରଫ କରିବାକୁ ଚଢ଼ଉ ଆରମ୍ଭ କରିଥିବା ବିଶେଷସୂତ୍ରରୁ ଖବର ମିଳିଛି। ଗିରଫ ଯୁବକମାନେ ହେଲେ ୟୁନିଟ୍-୬ ଅଞ୍ଚଳର ଟିଙ୍କିରି ଓ ତା ଭାଇ ପୁରୁଣା ଭୁବନେଶ୍ୱର ଅଞ୍ଚଳର ସାଲିଆ। ସେମାନଙ୍କ ନାଁରେ କ୍ୟାପିଟାଲ୍ ଓ ଏୟାର୍‌ଫିଲ୍ଡ ଥାନାରେ ଏକାଧିକ ମାମଲା ଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ମହିଳା ଥାନା ପୁଲିସ ଘଟଣାକୁ ଗଣମାଧ୍ୟମ ସମ୍ମୁଖରେ ଯଥା ସମ୍ଭବ ଚାପି ଦେବାକୁ ଉଦ୍ୟମ ଆରମ୍ଭ କରିଛି। ଗଣଦୁଷ୍କର୍ମ ସମ୍ପର୍କରେ କମିସନରେଟ୍ ପୁଲିସ କୌଣସି ଅଫିସର ମୁହଁ ଖୋଲିବାକୁ ଚାହୁଁ ନାହାନ୍ତି।

କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ରାଜଧାନୀର ଭିଆଇପି ରାସ୍ତା କଡରେ ଏଭଳି ଘଟଣା ଘଟିବା ରାଜଧାନୀରେ ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

ଏଠାରେ ପ୍ରକାଶଥାଉକି ନୂଆ ଏୟାରପୋର୍ଟର ଭିଆଇପି ରାସ୍ତାରେ ଯୁବକଯୁବତୀମାନେ ଅପରାହ୍ନରୁ ରାତି ପ୍ରାୟ ୮ଟା ଯାଏ ଏକାଠି ବସା ଉଠା କରି ବିଭିନ୍ନ ସମୟରେ ଅସଂଯତ ଅବସ୍ଥାକୁ ଚାଲି ଯାଉଥିବା ସ୍ଥାନୀୟ ଲୋକ କହିଛନ୍ତି। ପୁଲିସ ପାଟ୍ରୋଲିଂକୁ ରାତି ସମୟରେ ଅଧିକ କଡ଼ା କରିବାକୁ ଦାବି ହୋଇଛି।

# ବିଧବାଙ୍କୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଅଟକ

ପିପିଲି,୨୯।୧୦(ଇମିସ): ସ୍ଥାନୀୟ ଡାଣ୍ଡମୁକୁନ୍ଦପୁର ପଞ୍ଚମାସ ଗାଁର ଜଣେ ୩୫ ବର୍ଷିୟା ବିଧବା (ରୋଶନି) ଛଦ୍ମନାମଙ୍କୁ ସେହି ଗାଁର ଜଣେ ଯୁବକ ଗତକାଲି ରାତିରେ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ତେବେ ଦୁଷ୍କର୍ମ ଅଭିଯୋଗ ଆଣିଥିବା ପୀଡ଼ିତା ଜଣଙ୍କ କେଉଁ ଆଡ଼େ ଚାଲି ଯାଇଥିବାରୁ ପୁଲିସ ଏବେ ଅଡୁଆରେ ପଡ଼ିଛି। ପୁଲିସ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଏଣେ ବିଧବାଙ୍କ ପୁଅ ଅଭିଯୋଗ କରିଛନ୍ତି ଯେ ତାଙ୍କ ମା' ଗତକାଲି ରାତିରୁ ଥାନାକୁ ଯାଇ ନିଖୋଜ ହୋଇଯାଇଛନ୍ତି। ତାଙ୍କର ପତ୍ତା ମିଳୁନି।

ସୂଚନା ମୁତାବକ ସୋମବାର ରାତି ପ୍ରାୟ ୧୧ଟା ବେଳେ ରୋଶନି ଶୋଇଥିବା ବେଳେ ସେହି ଗାଁର ଜଣେ ଯୁବକ ତାଙ୍କ ଘରେ ପଶି ରୋଶନିଙ୍କୁ ଉଲଗ୍ନ କରି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହାର ପ୍ରତିବାଦ କରି ରୋଶନି ପାଟି କରିବାରୁ ପଡ଼ିଶା ଲୋକେ ଉଠି ପଡ଼ିଥିଲେ। ଭୟରେ ଯୁବକ ଜଣକ ସେଠାରୁ ଖସି ପଳାଇଥିଲା। ଏନେଇ ରାତି ୧୨ଟାରେ ରୋଶନି ଥାନାରେ ଏତଲା ଦେଇଥିଲେ। ଏତଲା ଭିତ୍ତିରେ ପୁଲିସ ରାତାରାତି ଗାଁରୁ ଅଭିଯୁକ୍ତ ଯୁବକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ତଦନ୍ତ କରୁଥିବା ବେଳେ ପୀଡ଼ିତା ଉଭାନ ହୋଇଯାଇଥିଲେ। କିନ୍ତୁ ପୀଡ଼ିତା ମଧ୍ୟ ନିଜ ଘରକୁ ଫେରିନାହାଁନ୍ତି। ନିଖୋଜ ସଂପର୍କରେ ବିଧବାଙ୍କ ପୁଅ ଥାନାରେ ଏକ ଅଭିଯୋଗ କରିଛନ୍ତି। ଘଟଣା ସଂପର୍କରେ ପିପିଲି ଥାନା ଆଇଆଇସି ପ୍ରଭାତ କୁମାର ମଲ୍ଲିକଙ୍କୁ ପଚାରିବାରେ ସେ କହିଥିଲେ ଯେ ଏବେ ଦୁଇଟି ଯାକ ଅଭିଯୋଗ ପାଇବା ପରେ ଆମେ ତଦନ୍ତ ଚଳାଇଛୁ। କିନ୍ତୁ ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ।

# ନ୍ୟାୟ ମାଗି ଜଳିଗଲେ

ଜୟପୁର/ରାୟଗଡ଼ା,୨୯।୧୦(ଇମିସ): ତାଙ୍କ ଅପରାଧ ହେଲା, ନିଜ ଉପରିସ୍ଥ ଅଧିକାରୀଙ୍କ ଶୋଷଣ ଓ ନିର୍ଯାତନା ବିରୋଧରେ ସେ ମୁହଁ ଖୋଲିଲେ। ଅନ୍ୟାୟକୁ ଚୁପ୍‌ଚାପ୍ ସହିନଯାଇ ସ୍ୱର ଉଠାଇଲେ। ଫଳ ହେଲା ବିଷମୟ। ନ୍ୟାୟ ତ' ମିଳିଲାନି; ଓଲଟା ଧମକଚମକ ମିଳିଲା। ଏଥର ସୁରକ୍ଷା ଲୋଡ଼ି ସେ ଥାନାକୁ ଗଲେ; ଏତଲା ଦେଲେ। ବିଭାଗୀୟ ଅଧିକାରୀ ଡିଆଇଙ୍କଠାରୁ ଆରମ୍ଭ କରି ଏସ୍‌ପିଙ୍କଯାଏ ସଭିଙ୍କୁ ଗୁହାରି କଲେ। ମନ୍ତ୍ରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କଯାଏ ସମସ୍ତଙ୍କ ପାଖେ ଫେରାଦ୍ ହେଲେ। ସାଢ଼େ ତିନି ମାସ ବିତିଗଲା। ତଥାପି ମିଳିଲାନି ନ୍ୟାୟ। ବରଂ ନ୍ୟାୟ ମାଗିଥିବା ହେତୁ ତାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ କରାଗଲା।

ଏଇ ହେଉଛି ରାୟଗଡ଼ା ଟିକିରିର ପୀଡ଼ିତା ଶିକ୍ଷା ସହାୟିକା ଇତିଶ୍ରୀ ପ୍ରଧାନଙ୍କ କାହାଣୀ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଦଗ୍ଧ ଇତିଶ୍ରୀ ଏବେ ବିଶାଖାପାଟଣାର ଏକ ହସ୍‌ପିଟାଲ୍‌ରେ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ପିପିଲି ଅର୍ଜୁନଗୋଦାର ବବିନା ବେହେରା, ମହାକାଳପଡ଼ା ଖରିନାସୀର ସୁଜାତା ବୈରାଗୀ ଓ ପୁରୀ ବେଲଦଳର ଦୃଷ୍ଟିହୀନା ଛାତ୍ରୀଙ୍କ ପରେ, ଓଡ଼ିଶାର ନାରୀ ନିର୍ଯାତନା ଇତିହାସରେ ଯୋଡ଼ି ହୋଇଯାଇଛି ଆଉ ଏକ ଲୋମଟାଙ୍କୁରା କାହାଣୀ। ଇତିଶ୍ରୀଙ୍କ ଜଳିଯିବାର କାହାଣୀ। ➡ ୭


ଇତିଶ୍ରୀ ପ୍ରଧାନ

- ପୀଡ଼ିତାଙ୍କ ଅବସ୍ଥା ଉଦ୍‌ବେଗଜନକ
- ପିପିଲି ଓ ମହାକାଳପଡ଼ା ପରେ ଏବେ ରାୟଗଡ଼ା
- ତଥାପି ଚେତୁନି ସରକାର
- ପୋଡ଼ିଗଲା ପରେ ମୁଖ୍ୟମନ୍ତ୍ରୀଙ୍କ ମଲମ

## ଦଣ୍ଡ ବଦଳରେ ପଦୋନ୍ନତି



ରାୟଗଡା,୨୮/୧୦ (ଇମିସ): ଟିକିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଅଭିଯୋଗ ହେବା ପରେ ପୁଲିସ ରେକର୍ଡ ଅନୁଯାୟୀ ସେ ଫେରାର ଥିଲେ। ଫେରାର ଥିବା ଶ୍ରୀ ଦଣ୍ଡସେନାଙ୍କ ବିରୋଧରେ ଗଣଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଚୁପ୍ ରହିଥିବା ବେଳେ ଓଲଟି ପଦୋନ୍ନତି ଦେଇଥିବା ନଜରକୁ ଆସିଛି। ଚଳିତ ମାସରେ ହିଁ ଶ୍ରୀ ଦଣ୍ଡସେନାଙ୍କୁ ଲେବୁଲ ୫ ରୁ ଲେବୁଲ୍ ➡ ୭

## 'କେଉଁଠି ବି ନ୍ୟାୟ ମିଳୁନାହିଁ'

'ମୁଁ ଇତିଶ୍ରୀ ପ୍ରଧାନ (ଶିକ୍ଷା ସହାୟିକା)। ଟିକିରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୮.୦୬.୨୦୧୧ରୁ ନିୟମିତ କାର୍ଯ୍ୟ କରି ଆସୁଛି। ବିଦ୍ୟାଳୟରେ ଯୋଗ ଦେବାର କିଛି ଦିନ ପରେ ସେହି ବିଦ୍ୟାଳୟର ତତ୍କାଳୀନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବର୍ତ୍ତମାନର ଟିକିରି ଶିକ୍ଷାନୁପରିଦର୍ଶକ ନେତ୍ରାନନ୍ଦ ଦଣ୍ଡସେନା ମୋତେ ଅଶ୍ଳୀଳ ଇଙ୍ଗିତ ଏବଂ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ମୁଁ ଏକୁଟିଆ ଝିଅଟିଏ; ବାହାର ଜିଲ୍ଲାରୁ ଆସି ପାରିବାରିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ଲୋକ ଲଜ୍ଜା ଭୟରେ କୌଣସି ପ୍ରକାର ପ୍ରତିବାଦ କରିପାରି ନଥିଲି। ବାଧ୍ୟ ହୋଇ ଚୁପ୍ ରହିଥିଲି। ଦିନେ ନେତ୍ରାନନ୍ଦ ଦଣ୍ଡସେନା ସ୍କୁଲକୁ ଆସି ମୋର ଫୋଟ ଉଠାଇ ନେଇଥିଲେ। ଏହି ଘଟଣା ପରେ ମୁଁ ଡରି ଯାଇଥିଲି। ତେଣୁ ୧୮.୦୭.୨୦୧୩ରିଖ ଦିନ ଟିକିରି ଥାନାରେ ତାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲି। ଅଭିଯୋଗ କରିବାର ୧୨ଦିନ ବିତିବା ପରେ ବି କୌଣସି ପ୍ରକାର ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ବାରମ୍ବାର ଥାନାକୁ ଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଚାରିବାରୁ ଥାନାରେ ମୋତେ କୌଣସି ପ୍ରକାର ➡ ୭

**ଅଗଷ୍ଟ ୧୮ରେ ଇତିଶ୍ରୀ ଦେଇଥିବା ବିବୃତି**

# ‘କେଉଁଠି ବି ନ୍ୟାୟ...

ସହଯୋଗ କରାଯାଇ ନଥିଲା। ଅଭିଯୁକ୍ତ ଫେରାର ଅଛି, ତା' ନାମରେ ଚାର୍ଜସିଟ୍ ହୋଇନାହିଁ, ତାର ଖବର ଆମକୁ ଦିଅନ୍ତୁ। ଶେଷରେ ପୁଲିସ କହିଲା ସେ ଏହି ଜିଲ୍ଲାରେ ହିଁ ଅଭିଯୁକ୍ତ ନାହାନ୍ତି ଆମେ ଧରିବୁ କେମିତି। ଥାନାରେ ଏଭଳି ଉତ୍ତର ପାଇବା ପରେ ନିରାଶ ହୋଇଥିଲି। ଏହାପରେ ମୋତେ ପରୋକ୍ଷରେ ଧମକ ମିଳିବା ଆରମ୍ଭ ହୋଇଥିଲା। ଏଥିରେ ଭୟଭୀତ ହୋଇ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ନିକଟକୁ ଯାଇ ଅଭିଯୋଗ କରିବା ସହ ନିଜ ଦୁଃଖ ଜଣାଇଥିଲି। ଜିଲ୍ଲାପାଳ ତଦନ୍ତ ହେଲା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୁଁ ମହିଳା କମିଶନ ଅଧ୍ୟକ୍ଷାଙ୍କ ନିକଟକୁ ଯାଇ ଦୁଃଖ ଜଣାଇବା ପରେ ପୁଲିସ ଡିଜିଙ୍କ ନିକଟରେ ମୋର ଅଭିଯୋଗ ଜଣେଇଥିଲି। ଏସ୍‌ପିଙ୍କୁ ମଧ୍ୟ ମୋର ଅଭିଯୋଗ ଡାକ ଯୋଗେ ପଠାଇଥିଲି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀଙ୍କ ନିକଟରେ ନ୍ୟାୟ ଭିକ୍ଷା କରି ଲିଖିତ ଭାବେ ଜଣାଇଥିଲି। ଜଣ ଜଣ କରି ସମସ୍ତଙ୍କ ନିକଟରେ ନ୍ୟାୟ ପାଇଁ ଗୁହାରି ଜଣାଇଥିଲେ ହେଁ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେଣୁ ମୋତେ ନ୍ୟାୟ





ଇତିଶ୍ରୀଙ୍କ ହାତଲେଖା ବିବୃତିର ନକଲ

ମିଳିବା ଆଶା କ୍ଷୀଣ ହେବାରେ ଲାଗିଲା। ସେଥିପାଇଁ ପୁଣି ମୁଁ ଟିକିରି ଥାନାକୁ ଯାଇ ଅଭିଯୋଗ ସଂପର୍କରେ ପୁଣି ପଚାରି ବୁଝିଥିଲି। କିନ୍ତୁ ଥାନାରେ ମୋତେ ଆଶ୍ୱାସନା ଏବଂ ପ୍ରତିଶ୍ରୁତି ଦେଇ ଫେରାଇ ଦିଆଗଲା। ଏହାପରେ ଗତ ୧୬.୦୮.୨୦୧୩ ତାରିଖ ଦିନ ସଂଧ୍ୟାରେ ନେତ୍ରାନନ୍ଦ ଦଣ୍ଡସେନାଙ୍କ ଦୁଇ ପତ୍ନୀ, ପୁତୁରା, ଭାଇ ଓ କିଛି ସଂପର୍କୀୟ ମୋ ଉପରେ ଆତଙ୍କିତ ଆକ୍ରମଣ କରିଥିଲେ। ଥାନାରେ ଦେଇଥିବା ମାମଲାକୁ ପ୍ରତ୍ୟାହାର କରିବାକୁ ଚାପ ପକାଇଥିଲେ। ଯଦି ମୁଁ ଏଭଳି ନକରେ ତେବେ ମୋତେ ଉଲଗ୍ନ କରି ପିଟିବେ ଏବଂ ବଜାର ସାରା ବୁଲାଇବେ, ଧର୍ଷଣ କରିବେ, ହତ୍ୟା କରି ପୋତିଦେବୁ ବୋଲି କହିବା ପରେ ଅସଭ୍ୟ ଭାଷାରେ ଗାଳି ଦେଇଥିଲେ। ମୋତେ ସେଠାରୁ କିଛି ଦୂରକୁ ଭିଡି ନେଇ ମାଡ ମାରିଥିଲେ। ଯିବା ପୂର୍ବରୁ ଅଭିଯୁକ୍ତଙ୍କ ଭାଇ ବୃନ୍ଦାବନ ଓ ପୁତୁରା ନରେନ୍ଦ୍ର ଦଣ୍ଡସେନା ଧର୍ଷଣ କରିବେ ବୋଲି ଧମକ ଦେଇଥିଲେ। ଏହି ଘଟଣା ପରେ ପୁଣି ମୁଁ ଟିକିରି ଥାନାରେ ପୁଣି ଗୋଟିଏ ଏତଲା ଦେଇଥିଲି। ଏତଲାର ନକଲ ମଧ୍ୟ ମୁଁ ଥାନାରେ ମାଗିଥିଲି। କିନ୍ତୁ ଏତଲାର ନକଲ ତ' ମିଳିବା ଦୂରର କଥା ମୋତେ ଥାନାର ଜଣେ ମହିଳା ଅଧିକାରୀ ପରୋକ୍ଷରେ ଧମକ ଦେଇଥିଲେ। ମହିଳା ପୁଲିସ ଅଧିକାରୀ ଜଣ

# ନ୍ୟାୟ ମାଗି ...

କାଶିପୁର ବ୍ଲକ ଟିକିରି ପ୍ରକଳ୍ପ ବିଦ୍ୟାଳୟର ଶିକ୍ଷା ସହାୟିକା ଇତିଶ୍ରୀ ପ୍ରଧାନ। ରବିବାର ରାତିରେ ତାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ କରାଯାଇଥିଲା। ତାଙ୍କୁ ବିଶାଖାପାଟଣାସ୍ଥିତ ସେଭେନ ହିଲ୍‌ସ ହସପିଟାଲରେ ଭର୍ତି କରାଯାଇଛି। ତାଙ୍କ ଅବସ୍ଥା ଉଦବେଗଜନକ ରହିଛି। ତାଙ୍କୁ ଚିକିତ୍ସା କରୁଥିବା ବିଶେଷଜ୍ଞ ଡ଼ାକ୍ତର ଅଂଜଳି ସାପେଲ କହିଛନ୍ତିଯେ ଶରୀରର ୮୦ ଭାଗ ନିଆଁରେ ପୋଡ଼ି ଯାଇ ଫୁସଫୁସ୍ କ୍ଷତିଗ୍ରସ୍ତ ହୋଇଥିବାରୁ ନିଶ୍ୱାସ ନେବାରେ ସମସ୍ୟା ହେଉଛି। ବର୍ତ୍ତମାନ ଚିକିତ୍ସା ପରେ ସାମାନ୍ୟ ଉନ୍ନତି ହୋଇଥିଲେ ମଧ୍ୟ ସେ ବିପଦମୁକ୍ତ ନୁହନ୍ତି ବୋଲି ଡ଼ାକ୍ତର ସୂଚନା ଦେଇଛନ୍ତି।

ଅପରପକ୍ଷରେ ଘଟଣାର ତଦନ୍ତ ପାଇଁ ଆଜି ଏସପି ରାଜେଶ କୁମାର ପଣ୍ଡିତ ଟିକିରି ବିଦ୍ୟାଳୟକୁ ଯାଇ ସ୍କୁଲର ପିଲା ଓ ଅନ୍ୟମାନଙ୍କୁ ପଚରାଉଚରା କରି ଫେରିଛନ୍ତି। ତେବେ କୌଣସି ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳ ପରିଦର୍ଶନ କରି ନାହାନ୍ତି। ଗତକାଲି ସାଇଣ୍ଟିଫିକ ଦଳ ମଧ୍ୟ ଘଟଣା ସ୍ଥଳକୁ ଯାଇ ନିଆଁ ଲାଗିବା ଘର ଭିତରେ ପରୀକ୍ଷା କରିଛନ୍ତି। ଫେରାର ଥିବା ଅଭିଯୁକ୍ତ ସ୍କୁଲ ଏସ୍‌ଆଇ ନେତ୍ରାନନ୍ଦ ଦଣ୍ଡସେନାଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିଲେ ମଧ୍ୟ ତାଙ୍କୁ ଠାବ କରିବାରେ ସକ୍ଷମ ହୋଇପାରିନାହାନ୍ତି। ଯେଉଁଠି ଥିଲେ ମଧ୍ୟ ପୁଲିସ ନିକଟରେ ଆତ୍ମ ସମର୍ପଣ କରାଇବାକୁ ନେତ୍ରାନନ୍ଦ ଦଣ୍ଡସେନାଙ୍କ ପରିବାର ଉପରେ ପୁଲିସ ଚାପ ପ୍ରୟୋଗ କରୁଥିବା ଜଣାପଡ଼ିଛି। ସେ ବ୍ୟବହାର କରୁଥିବା ତାଙ୍କ ମୋବାଇଲ ଫୋନ ଟ୍ରାକିଂ କରି ଧରିବାକୁ ମଧ୍ୟ ପୁଲିସର ଉଦ୍ୟମ ଚଳାଇଥିବା ଜଣେ ପୁଲିସ ଅଧିକାରୀ କହିଛନ୍ତି।

ଏପଟେ ଶିକ୍ଷୟତ୍ରୀ ଇତିଶ୍ରୀଙ୍କୁ ନିଆଁରେ ଜାଳି ହତ୍ୟା ଉଦ୍ୟମ ଘଟଣାକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ରାୟଗଡ଼ା ଜିଲ୍ଲାରେ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଜି ସନ୍ଧ୍ୟାରେ ଶିକ୍ଷକ ସଂଘ ପକ୍ଷରୁ ଶୋଭାଯାତ୍ରା କରାଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା, ଘଟନାର କ୍ରାଇମବ୍ରାଞ୍ଚ ତଦନ୍ତ ସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ଶିକ୍ଷକ ପ୍ରତିନିଧି ଦଳ ଜିଲ୍ଲାପାଳ ଡ଼ଃ ଶଶି ଭୂଷଣ ପାଢ଼ୀଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଜିଲ୍ଲାର ବିଭିନ୍ନ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ସଂଘ ନେତା



ଅନନ୍ତ ରଥ, ଗୌରାଂଗ ମଲ୍ଲିକ, ସୁଜାତା ମାଦଳା, ଦାଶରଥୀ ରାଜଗୁରୁ , କୃଷ୍ଣ ପଣ୍ଡା, ନିତ୍ୟା ପଟନାୟକ, ସୁନୀଲ କର, ପ୍ରକାଶ ରଥ, ସୁରେଶ ପଟନାୟକ ପ୍ରମୁଖଙ୍କ ନେତୃତ୍ୱରେ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ବିଶାଖପାଟଣାରେ ଚିକିତ୍ସିତ ହେଉଥିବା ଶିକ୍ଷୟିତ୍ରୀଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ଆଜି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଶିକ୍ଷୟିତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣାକୁ ମୁଖ୍ୟମନ୍ତ୍ରୀ ନିନ୍ଦା କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟଯେ ରବିବାର ରାତି ୯ ଟା ସମୟରେ ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନ ସ୍କୁଲ ହୋଷ୍ଟେଲ ରୁମରେ ଶୋଇ ଗୀତ ଶୁଣୁଥିବା ବେଳେ ଗ୍ରୀନ ପ୍ୟାଣ୍ଟ ପିନ୍ଧିଥିବା ଜଣେ ଯୁବକ ଘରେ ଭିତରେ ପଶି ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଚାଲିଯାଇଥିଲା। ଏହି ସଂପର୍କରେ ପୀଡ଼ିତା ରାୟଗଡ଼ା ଡାକ୍ତରଖାନାରେ ପୁଲିସ ଉପସ୍ଥିତରେ ମାଜିଷ୍ଟ୍ରେଟ ତଥା ତହସିଲଦାର ପ୍ରଶାନ୍ତ କୁମାର ଦାଶଙ୍କ ନିକଟରେ ବୟାନ ଦେଇଥିଲେ।

### ଅଶାଳୀନ ବ୍ୟବହାରର ପ୍ରତିବାଦ କରିବାରୁ

# ଶିକ୍ଷୟିତ୍ରୀଙ୍କୁ ଜାଳିଦେଲେ

## ଡିଆଇ, ସ୍କୁଲ ପରିଦର୍ଶକ, ପୁଲିସ ଏସ୍‌ଆଇ ନିଲମ୍ବିତ

ରାୟଗଡା, ୨୮/୧୦(ଇମିସ): ଉପରିସ୍ଥ ଅଧିକାରୀଙ୍କ ଅଶାଳୀନ ବ୍ୟବହାରର ପ୍ରତିବାଦ କରିବାରୁ ଜଣେ ଶିକ୍ଷୟିତ୍ରୀଙ୍କୁ ଜିଅନ୍ତା ପୋଡ଼ି ମାରିଦେବାକୁ ଉଦ୍ୟମ ହୋଇଛି। ତାଙ୍କ ଉପରେ କିରୋସିନି ଢାଳି ନିଆଁ ଲଗାଇ ଦିଆଯାଇଛି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣାର ଏକ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ରାୟଗଡ଼ା ଡିଆଇ ଧରଣୀଧର ବେହେରା, ସ୍ଥାନୀୟ ପୁଲିସ ଏସ୍‌ଆଇ ମୁରଲୀଧର ପ୍ରଧାନ ଏବଂ ସ୍କୁଲ ପରିଦର୍ଶକ (ଏସ୍‌ଆଇ) ନେତ୍ରାନନ୍ଦ ଦଣ୍ଡସେନାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତେବେ ଏଭଳି ଏକ ସ୍ପର୍ଶକାତର ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ ସବୁପ୍ରକାର ଉଦ୍ୟମ ହୋଇଥିବା ଓ ଏଥିରେ ଜଣେ ଶାସକ ଦଳର ଜଣେ ସ୍ଥାନୀୟ ବରିଷ୍ଠ ନେତାଙ୍କ ସଂପୃକ୍ତି ଥିବା ନେଇ ମଧ୍ୟ ଆଲୋଚନା ଚାଲିଛି। ଏହି ଘଟଣାର ଅଭିଯୁକ୍ତ କୁହାଯାଉଥିବା ସ୍କୁଲ ଏସ୍‌ଆଇ ଉକ୍ତ ନେତାଙ୍କ ସଂପର୍କିୟ ବୋଲି ଜଣାପଡ଼ିଛି।

ଏଠାରେ ସୂଚନାଯୋଗ୍ୟ ଯେ ଟିକିରି ପ୍ରକଳ୍ପ ବିଦ୍ୟାଳୟରେ ଶିକ୍ଷା ସହାୟିକା ଭାବେ ନିଯୁକ୍ତି ପାଇଥିବା ପୁରୀ ଜିଲ୍ଲା କଣାସ ଅଂଚଳର

➥ ୭

# ଶିକ୍ଷୟିତ୍ରୀଙ୍କୁ ଜାଳିଦେଲେ...

ଏହି ଶିକ୍ଷୟିତ୍ରୀଙ୍କୁ ସ୍ଥାନୀୟ ସ୍କୁଲ ଏସ୍ଆଇ ନେତ୍ରାନନ୍ଦ ଦଣ୍ଡସେନା ବିଭିନ୍ନ ସମୟରେ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିବା ସହ ନିର୍ଯାତନା ଦେଉଥିଲେ ଓ ପ୍ରତିବାଦ କଲେ ଧମକଚମକ ଦେଉଥିଲେ ବୋଲି ଶିକ୍ଷୟିତ୍ରୀ ଜଣକ ଟିକିରି ଥାନାରେ ଅଭିଯୋଗ କରିଥିଲେ । ଏଥିସହ ଶିକ୍ଷୟିତ୍ରୀ ଜଣକ ଡିଆଇ, ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମହିଳା କମିସନ୍‌ଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ । ତାଙ୍କ ଉପରେ ହେଉଥିବା ନିର୍ଯାତନା ସଂପର୍କରେ ମୁଖ୍ୟମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ପତ୍ର ଜରିଆରେ ଅବଗତ କରିଥିଲେ । ଏହା ପରେ ଜିଲ୍ଲାପାଳ ଡ. ଶଶୀଭୂଷଣ ପାତ୍ରୀ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ତଦନ୍ତ ରିପୋର୍ଟ ଉପରେ ପଦକ୍ଷେପ ନେବାକୁ ଡିଆଇଙ୍କୁ ନିର୍ଦ୍ଦେଶ


ଶିକ୍ଷୟିତ୍ରୀଙ୍କ ଫାଇଲ ଫଟୋ

ଦେଇଥିଲେ । ହେଲେ ଡିଆଇ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଚୁପ୍ ହୋଇ ବସିଗଲେ । ଏପଟେ ଅଭିଯୁକ୍ତ ଫେରାର ଥିବା ଦର୍ଶାଇ ଟିକିରି

ପୁଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା । ତଳୁ ଉପର ପର୍ଯ୍ୟନ୍ତ ସବୁଠୁ ନିରାଶ ହୋଇ ଶିକ୍ଷୟିତ୍ରୀ ଜଣକ ଭାଙ୍ଗିପଡ଼ି ଥିବା ବେଳେ ଗତକାଲି ରାତିରେ ତାଙ୍କୁ ପୋଡ଼ି ମାରିଦେବା ପାଇଁ ଉଦ୍ୟମ ହୋଇଥିଲା ।

ଗତକାଲି ରାତିରେ ସଙ୍କଟାପନ୍ନ ଅବସ୍ଥାରେ ଥିବା ଏହି ଶିକ୍ଷୟିତ୍ରୀଙ୍କ ଜମାନବନ୍ଦୀ ଲିପିବଦ୍ଧ କରିଥିଲେ ମାଜିଷ୍ଟ୍ରେଟ ତଥା ରାୟଗଡା ତହସିଲଦାର ପ୍ରଶାନ୍ତ କୁମାର ଦାସ । ଶିକ୍ଷୟିତ୍ରୀ କହିଥିଲେ ଯେ ସେ ସ୍କୁଲ ହଷ୍ଟେଲ ରୁମରେ ଥିବା ବେଳେ ଗ୍ରିନ୍ ପ୍ୟାଣ୍ଟ ପିନ୍ଧିଥିବା ଜଣେ ଯୁବକ ଘରେ ଭିତରକୁ ପଶି ଆସି ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲା । ଅଭିଯୋଗ ପ୍ରତ୍ୟାହାର ନକରିବା ଏବଂ ବିବାଦରୁ ନ ଓହରିବାର ପରିଣତି ଭୋଗ ବୋଲି କହି ଯୁବକଜଣକ ଚାଲିଯାଇଥିଲା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ସ୍କୁଲ ପରିଦର୍ଶକ ଶ୍ରୀ ଦଣ୍ଡସେନାଙ୍କ ବିରୋଧରେ ଗତ ୧୮ ଜୁଲାଇ ଓ ଅଗଷ୍ଟ ୧୬ରେ ଟିକିରି ଥାନାରେ ସେ ଏତଲା ଦେଇଥିବା ବେଳେ ଗତ ୧୮ ଅଗଷ୍ଟରେ ରାଜ୍ୟ ମହିଳା କମିଶନ୍ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ । ଏହାପରେ ଜିଲ୍ଲାପାଳ ଘଟଣାର ତଦନ୍ତ କରିବାକୁ ଡିଏସ୍‌ଡବ୍ଲୁ ସଂଘମିତ୍ରା କାନୁନଗୋଙ୍କୁ ପଠାଇଥିଲେ । ଜିଲ୍ଲା ଯୌନ ନିର୍ଯାତନା ତଦନ୍ତ କମିଟିର ରିପୋର୍ଟକୁ ଭିତ୍ତି କରି ଜିଲ୍ଲାପାଳ ଏସ୍ଆଇ ଦଣ୍ଡସେନାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଡିଆଇ ଓ ପୁଲିସଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଡିଆଇ ଶ୍ରୀ ବେହେରା ନୀରବ ରହି ଦଣ୍ଡସେନାଙ୍କ ପ୍ରତି ନରମ ମନଭାବ ପୋଷଣ କରି ଥିବା ବେଳେ ପୁଲିସ ମଧ୍ୟ ଏତଲା ରେଜିଷ୍ଟାର କରି ଚୁପ ହୋଇ ବସିପଡ଼ିଥିଲା । ମହିଳା କମିଶନଙ୍କ ନିକଟରେ ଶିକ୍ଷୟତ୍ରୀ ଅଭିଯୋଗ କରିବା ପରେ ଶେଷରେ ପୁଲିସ ସ୍କୁଲ ପରିଦର୍ଶକ ନେତ୍ରାନନ୍ଦ ଦଣ୍ଡସେନାଙ୍କୁ ଧରିବା ଅଭିନୟ କରିବାରୁ ଦୁଇ ମାସ ହେଲା ସ୍କୁଲ ପରି ଦର୍ଶକ ଫେରାର ହୋଇ ହାଇକୋର୍ଟରୁ ଆଗୁଆ ଜାମିନ ଆଣିବାକୁ ଉଦ୍ୟମ କରୁଛନ୍ତି । ସେ ପଟେ ଦୁଇ ମାସ ହେଲା ସ୍କୁଲ ପରିଦର୍ଶକ ଫେରାର ଥିବା ଜାଣି ମଧ୍ୟ ଡିଆଇ ଶ୍ରୀ ବେହେରା ତାଙ୍କୁ ନିଲମ୍ବନ କରିବା ପାଇଁ ପଦକ୍ଷେପ ନେଉନଥିଲେ । ବର୍ତ୍ତମାନ ଏହି ହତ୍ୟା ଉଦ୍ୟମ ଘଟଣା ପରେ ଜିଲ୍ଲାପାଳ ଡିଆଇଙ୍କୁ ନିଲମ୍ବନ କରିବା ପାଇଁ ସୁପାରିଶ କରିଥିଲେ । ଫଳରେ ଆଜି ସନ୍ଧ୍ୟାରେ ରାଜ୍ୟ ଗଣ ଶିକ୍ଷାମନ୍ତ୍ରୀ ରବି ନାରାୟଣ ନନ୍ଦ ରାୟଗଡ଼ା ଡିଆଇଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ଦେଇଥିଲେ ।

ଗତ ୩ ମାସ ହେଲା ସ୍କୁଲ ପରିଦର୍ଶକ ନେତ୍ରାନନ୍ଦ ଦଣ୍ଡସେନା ଓ ତାଙ୍କ ପରିବାର ପଟରୁ ବିପଦ ରହିଥିବା ନେଇ ଶିକ୍ଷୟିତ୍ରୀଜଣକ ବାରମ୍ବାର ପୁଲିସ, ଜିଲ୍ଲା ପ୍ରଶାସନ ଓ ମହିଳା କମିଶନଙ୍କ ନିକଟରେ ଗୁହାରୀ କରି ଆସୁଥିଲେ ମଧ୍ୟ କେହି ତାଙ୍କୁ ସୁରକ୍ଷା ଦେଇ ପାରିଲେ ନାହିଁ । ଜିଲ୍ଲା ପ୍ରଶାସନ ଚାହିଁଥିଲେ ତାଙ୍କୁ ରାୟଗଡ଼ା ବ୍ଲକରୁ ବଦଳି କିମ୍ବା ଡେପୁଟେସନରେ ନେଇ ଅନ୍ୟ ଏକ ନିରାପଦ ସ୍କୁଲରେ ଅବସ୍ଥାପିତ କରି ପାରିଥାନ୍ତେ । ତେବେ ଏବେ ସଫେଇ ଦିଆଯାଉଛି ଯେ ଶିକ୍ଷା ସହାୟକ ମାନଙ୍କୁ ବଦଳି କରିବା ନିୟମ ନାହିଁ ।

ଅପର ପକ୍ଷରେ ରାୟଗଡ଼ା ଏସ୍‌ପି ରାଜେଶ କୁମାର ପଣ୍ଡିତ ମଧ୍ୟ ଘଟନାର ତଦନ୍ତକାରୀ ପୁଲିସ ଅଧିକାରୀ ମୁରଲୀଧର ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି । ସୂଚନାଯୋଗ୍ୟଯେ ପୁରୀ ଜିଲ୍ଲା କଣାସ ଗାଁର ଏହି ଯୁବତୀ ଶିକ୍ଷା ସହାୟକା ଭାବେ ଟିକିରି ପ୍ରକଳ୍ପ ବିଦ୍ୟାଳୟରେ ଗତ ୧୮/୬/୨୦୧୧ରେ ନିଯୁକ୍ତି ପାଇଥିଲେ ।

ଏହି ଘଟଣା ସଂପର୍କରେ ଗଣଶିକ୍ଷା ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ପଚରାଯିବାରେ ସେ କହିଛନ୍ତି ଶିକ୍ଷା ସହାୟକ ସଂଘ ଏହି ଘଟଣା ତାଙ୍କ ଦୃଷ୍ଟିକୁ ଆଣିଥିଲେ । ଫଳରେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କହିଛନ୍ତି । ଏଥିସହ ପୀଡ଼ିତାଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଶ୍ରୀ ନନ୍ଦ କହିଛନ୍ତି । ଶିକ୍ଷୟିତ୍ରୀଙ୍କୁ ନିର୍ଯାତନା ଘଟଣାରେ ନିର୍ଦ୍ଦିଷ୍ଟ ପ୍ରମାଣ ମିଳିଲେ ସ୍କୁଲ ପରିଦର୍ଶକଙ୍କୁ ଚାକିରିରୁ ବହିଷ୍କାର କରାଯିବ ବୋଲି ସେ କହିଛନ୍ତି ।

# ପୀଡ଼ିତା ଡାକ୍ତରୀ ମାଇନାକୁ ମନାକଲେ

ପୁରୀ, ୨୬/୧୦(ଇମିସ): ଗତକାଲି ଏକ ମଠର ମହନ୍ତଙ୍କ ବିରୋଧରେ ଦୁର୍ଷ୍କର୍ମ ଅଭିଯୋଗ ଆଣିଥିବା ମହିଳା ଆଜି ଡାକ୍ତରୀ ମାଇନା କରାଇବାକୁ ମନା କରିଦେବା ଘଟଣା ଚର୍ଚ୍ଚାକୁ ଆସିଛି। ଅନ୍ୟପଟେ ହାତି ଆଖଡ଼ା ମଠର ମହନ୍ତ ସୁଖରାମ ଦାସ ଫେରାର ହୋଇଯାଇଥିବା ଜଣାପଡ଼ିଛି। ତେବେ ଏହି ମାମଲାରେ ପୁଲିସର ତଦନ୍ତ ଭିନ୍ନ ଦିଗକୁ ଯାଉଥିବା ଜଣାପଡ଼ିଛି। ପୁଲିସ ଅତି ଗୁରୁତ୍ୱର ସହିତ ତଦନ୍ତ କରୁଛି। ଏହି ମହିଳାଙ୍କର ପୂର୍ବ ଇତିହାସ ସମ୍ପର୍କରେ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। କାହିଁକି ଏହି ମହିଳା ଏହି ମଠକୁ ଆସି ଆଶ୍ରୟ ନେଇଥିଲେ। କାହା ମାଧ୍ୟମରେ ସେ ଏହି ମଠକୁ ଆସିଥିଲେ। ଯଦି ମଠ ମହନ୍ତ ସୁଖରାମ ତାଙ୍କୁ ଗତ ୨୨ ତାରିଖ ରାତିରେ ଦୁଷ୍କର୍ମ କରିଥିଲେ। ତେବେ ଦୀର୍ଘ ତିନି ଦିନ ଧରି କାହିଁକି ପ୍ରତିବାଦ କରି ନ ଥିଲେ। ଏହି ଭଳି ଭାବେ ଅନେକ ପ୍ରଶ୍ନ ଉଠିଛି। ତେଣୁ ପୁଲିସ ଗତକାଲି

## ମଠ ମହନ୍ତଙ୍କ ଦୁଷ୍କର୍ମ ମାମଲା

ଏହି ମହିଳାଙ୍କୁ ବିଜୟ ସ୍ୱାଧାରରେ ରଖି ଆଜି ଏହି ମହିଳାଙ୍କୁ ଡାକ୍ତରୀ ମାଇନା ଲାଗି ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମାତ୍ର ସେଠାରେ ଡାକ୍ତରୀ ମାଇନା ପାଇଁ ସମ୍ପୃକ୍ତ ମହିଳା ମନା କରି ଦେଇଥିଲେ। ପରେ ମାମଲାଟି ଭିନ୍ନ ମୋଡ଼ ନେବାକୁ ବସିଛି ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ ଗତ ୨୨ ତାରିଖ ରାତି ୮ଟାରେ ଏହି ମହିଳା ଜଣଙ୍କୁ ଜନୈକ ପରିଚିତ ବ୍ୟକ୍ତି ଏହି ମଠରେ ଆଣି ରଖାଇଥିଲା। ମଠରେ ଥିବା କାମଦାମ କରିବା ପରେ ମାସକୁ ୨ ହଜାର ଟଙ୍କା ଦିଆଯିବ ବୋଲି କଥା ହୋଇଥିଲା। ମାତ୍ର ସେହି ରାତିରେ ହିଁ ମଠ ମହନ୍ତ ତାଙ୍କ ସହିତ ଦୁଷ୍କର୍ମ କରିଥିଲେ ବୋଲି ସେ ଗତକାଲି କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଥିଲେ। ଗତ ୨୨ ତାରିଖରୁ ଗତ ଶୁକ୍ରବାର ପର୍ଯ୍ୟନ୍ତ ମହନ୍ତ ତାଙ୍କ ସହିତ ଦୁଷ୍କର୍ମ କରିଥିଲେ ବୋଲି ଅଭିଯୋଗ ହୋଇଛି। ଅବଶ୍ୟ ପୁଲିସ ଏକ ମାମଲା ରୁଜୁ କରିଥିଲା। ମାତ୍ର ଏହି ଅଭିଯୋଗରେ ସତ୍ୟତାକୁ ନେଇ ପୁଲିସ ସନ୍ଦେହ କରୁଛି। ଅନ୍ୟପଟେ ଅଭିଯୁକ୍ତ ମହନ୍ତ ସୁଖରାମକୁ ଧରିବା ପାଇଁ ପୁଲିସ କାକଟପୁର ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ଖାଲି ହାତରେ ଫେରିଥିବା ଜଣାପଡ଼ିଛି। ସୁଖରାମ ଧରାପଡ଼ିଲେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ପୁଲିସ କହିଛି।

# ବୋହୂକୁ ଯୌତୁକ ନିର୍ଯାତନା ଓ ଏସିଡ୍ ମାଡ଼

ବ୍ରଜରାଜନଗର, ୨୬।୧୦(ଇମିସ): ୫ ଲକ୍ଷ ଟଙ୍କା ଯୌତୁକ ଦାବି କରି ଶାଶୂ ଘର ଲୋକ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଏସିଡ ଢାଳିବା ନେଇ ପୂଜା ଶୁକ୍ଲା ଶନିବାର ରାମପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଶାଶୂ ନିର୍ମଳା ଦେବୀ, ଶ୍ୱଶୁର ଜଟେଶ୍ୱର ଶୁକ୍ଲା, ସ୍ୱାମୀ ଓମପ୍ରକାଶ ଶୁକ୍ଳାଙ୍କ ବିରୋଧରେ ଏହି ଏତଲା ଦିଆଯାଇଛି। ଫାଣ୍ଡି ଅଧିକାରୀ ପବିତ୍ର ସାହୁ ମାମଲା ରୁଜୁ କରି ଅଭିଯୋଗର ସତ୍ୟାସତ୍ୟା ଅନୁଧ୍ୟାନ କରୁଥିବା ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ରାମପୁର ଏଲ୍‌ସିଏଚ୍ କଲୋନିର ରାଜମଣି ପାଣ୍ଡେଙ୍କ ବଡ଼ ଝିଅ ପିଙ୍କି ଝାରଖଣ୍ଡ ରାଜ୍ୟରେ ୨୦୦୮ରେ ବିବାହ କରିଥିଲେ। ପିଙ୍କି ଜନ୍ମ ଦେଇଥିବା ଗୋଟିଏ ଝିଅର ମୃତ୍ୟୁ ହେବା ପରେ ଉଭୟ ପରିବାରର ସହମତିରେ ରାଜମଣି ତାଙ୍କ ଦ୍ୱିତୀୟ ଝିଅ ପୂଜାଙ୍କୁ ୨୦୧୧ ଜୁନ୍‌ରେ ଓମପ୍ରକାଶ ଶୁକ୍ଳାଙ୍କ ସହିତ ବିବାହ କରାଇଥିଲେ। ରାଜମଣି, କିନ୍ତୁ ପୂଜାର ବିବାହ ପାଇଁ କୌଣସି ସାମଗ୍ରୀ ଉପହାର ଆକାରରେ ଦେଇ ନଥିଲେ। ଏନେଇ ଓମପ୍ରକାଶଙ୍କ ପରିବାର ଏବଂ ଦୁଇ ଭଉଣୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଥିଲା। ପରିବାର ପକ୍ଷରୁ ଦୁଇ ଭଉଣୀଙ୍କ ଉପରେ ନାନାଦି ଚାପ ପ୍ରୟୋଗ କରାଯାଉଥିଲା। ପୂଜାଙ୍କ ଝିଅଟିଏ ଜନ୍ମ ହେବା ପରେ ବି ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ଖାଇବା ପିଇବା ନେଇ ମଧ୍ୟ କଷ୍ଟ ଦେଉଥିଲେ। ପୂଜା ନିଜ ଝିଅ ଓ ବଡ଼ ଭଉଣୀଙ୍କ ଚାହିଁ ସବୁ କିଛି ସହି ନେଉଥିଲେ। ଶାଶୂ ଘର ପରିବାର ଲୋକେ ତାଙ୍କ ପେଟରେ ଏସିଡ୍ ପକାଇବା ଭଳି ଘଟନା ଘଟିଥିଲା। ଏସିଡ୍ ଢାଳି ଦେବାରୁ ପେଟ ବି ଜଳି ଯାଇଥିଲା ବୋଲି ପୂଜା ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ସମୟରେ ସେ ସେଠାରୁ ଖସି ଆସି ନିଜ ସଂପର୍କୀୟ ଜୀତେନ୍ଦ୍ର ପାଣ୍ଡେଙ୍କ ଆଶ୍ରୟ ନେଇଥିଲେ। ତାଙ୍କ ଚିକିତ୍ସା କରାଯିବା ପରେ ପୂଜା ଏବେ ବ୍ରଜରାଜନଗରରେ ପହଞ୍ଚି ପୁଲିସ୍‌କୁ ସୂଚନା ଦେଇଛନ୍ତି।

# ନବବିବାହିତାଙ୍କ ଆତ୍ମହତ୍ୟା ଶ୍ୱଶୁର ଘର ଲୋକେ ଫେରାର୍

ଖଣ୍ଡଗିରି, ୨୪।୧୦(ଇମିସ): ଗତକାଲି ଜଣେ ନବ ବିବାହିତା ଆତ୍ମହତ୍ୟା କରିବା ଓ ଶ୍ୱଶୁର ଘର ଲୋକେ ଶବକୁ ମେଡିକାଲରେ ଛାଡ଼ି ପଳାଇବା ଘଟଣା ଏବେ ଏୟାରଫିଲ୍ଡ୍ ଥାନା ପଞ୍ଚୁପଲ୍ଲୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତ ମହିଳା ହେଲେ ବ୍ରହ୍ମକୁଣ୍ଡଳ ଗ୍ରାମର ମନୋଜ ରଣସିଂହଙ୍କ ପତ୍ନୀ ରଂଜୁ(୨୪)। ଏଣେ ମହିଳା ଥାନା ପୁଲିସ ମୃତାଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ମାତ୍ର ମନୋଜଙ୍କ ଘର ଲୋକେ ଫେରାର୍ ଥିବାରୁ ପୁଲିସ କାହାରିକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ।

ମିଳିଥିବା ଖବର ଅନୁସାରେ ଗତକାଲି ସକାଳେ କୌଣସି କାରଣରୁ ରଂଜୁ ନିଜ ଶୋଇବା ଘରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ତାଙ୍କୁ ଗୁରୁତର ଅବସ୍ଥାରେ ମନୋଜଙ୍କ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ସମ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେତେବେଳକୁ ରଂଜୁଙ୍କ ପ୍ରାଣବାୟୁ ଉଡ଼ିସାରିଥିଲା। ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିବା ପରେ ମନୋଜଙ୍କ ପରିବାର ଲୋକେ ଶବକୁ ମେଡିକାଲରେ ଛାଡ଼ି ଫେରାର୍ ହୋଇ ଯାଇଥିଲେ। ତେଣୁ ମେଡିକାଲ କର୍ତ୍ତୃପକ୍ଷଙ୍କ ଅଭିଯୋଗ ଅନୁସାରେ ପ୍ରଥମେ ଏୟାର୍‌ଫିଲ୍ଡ ଥାନା ଓ ପରେ ମହିଳା ଥାନା ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ ମନୋଜଙ୍କ ପରିବାର ପକ୍ଷରୁ କେହି ଉପସ୍ଥିତ ନଥିବାରୁ ଶବ ବ୍ୟବଚ୍ଛେଦ ହୋଇ ପାରିନଥିଲା। ଆଜି ରଂଜୁଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ପୁଲିସ ଶବ ବ୍ୟବଚ୍ଛେଦ କରାଇ ସେମାନଙ୍କୁ ହସ୍ତାନ୍ତର କରିଛି। ମନୋଜ ଗତ ପ୍ରାୟ ଦେଢ଼ ମାସ ତଳେ ଭଲ ପାଇ ରଂଜୁଙ୍କୁ ବିବାହ କରିଥିଲେ। ତେବେ ଏହି ବିବାହରେ ମନୋଜଙ୍କ ପରିବାର ଲୋକେ ସନ୍ତୁଷ୍ଟ ନଥିବାରୁ ଘରେ ବହୁ ସମୟରେ କଳହ ଲାଗୁଥିଲା। ତେଣୁ ରଂଜୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି।

# ପ୍ରସୂତିଙ୍କ ମୃତ୍ୟୁ: ଚିକିତ୍ସାରେ ଅବହେଳା ଅଭିଯୋଗ

ନୂଆପଡ଼ା/କୋମନା, ୨୪।୧୦ (ଇମିସ): ମା' ଓ ଶିଶୁର ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ, ଏହି ଯୋଜନାର ସଫଳତା ଉପରେ ଦେଖା ଦେଉଛି ପ୍ରଶ୍ନବାଚୀ। କୋମନା ବ୍ଲକ୍ କାଣ୍ଡେତରା ଗାଁର ପ୍ରେମ ସତନାମୀ ତାଙ୍କ ସ୍ତ୍ରୀ ଗୀତା ସତନାମୀଙ୍କୁ ପ୍ରସବ ପାଇଁ ଗତ ୨୨ ତାରିଖ ଦିନ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ। ୨୪ ତାରିଖ ସକାଳ ପ୍ରାୟ ୬ଟାରେ ଏକ ଶିଶୁ ଜନ୍ମ ହୋଇଥିଲା। କିନ୍ତୁ, ଅପରାହ୍ଣ ୧ଟା ପରେ ଗୀତାଙ୍କ ରକ୍ତସ୍ରାବ ଆରମ୍ଭ ହେଲା। ଯାହା ପରିବାର ଲୋକ ଦେଖି ଚିନ୍ତାରେ ପଡ଼ି ଯାଇଥିଲେ। ଦୁଇ ବୋତଲ ରକ୍ତ ଦିଆଯାଇଥିଲା। କିନ୍ତୁ, ମହିଳାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହୋଇ ପାରିଲା ନାହିଁ। ଡାକ୍ତରଙ୍କୁ ଏହା କହିବା ପରେ ସେ କିଛି କରି ପାରିବେ ନାହିଁ, କେବଳ ଭଗବାନ ଭରସା ବୋଲି ସେ କହିଥିବାର ପରିବାର ଲୋକେ ପ୍ରକାଶ କରିଛନ୍ତି। ପରେ ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଗୀତାଙ୍କ ମୃତ୍ୟୁ ଘଟିଥିଲେ ହେଁ ଶିଶୁ ସୁସ୍ଥ ଅଛି। ଚିକିତ୍ସାରେ ଅବହେଳା ଯୋଗୁଁ ଗୀତାଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ୩ ଦିନର ଶିଶୁକୁ ନିଆଁ ଚେଙ୍କ

ବୋଡ଼େନ, ୨୦/୧୦(ଇମିସ): ଦେଶରୁ ଅପପୁଷ୍ଟି ଦୂର କରି ଶିଶୁ ଓ ମାତୃ ମୃତ୍ୟୁ ହାର କମ୍ କରିବା ପାଇଁ ସରକାର ଅନେକ ଯୋଜନା ଦ୍ୱାରା କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଜରିଆରେ ପ୍ରତି ଗାଁରେ ଶିଶୁ ଓ ମା'ଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା କରାଯାଇଛି। ହେଲେ ବୋଡ଼େନ୍ ବ୍ଲକ୍‌ରେ ଏସବୁ ସରକାରୀ ଯୋଜନାର ସୁଫଳ ହିତାଧିକାରୀଙ୍କ ପାଖରେ ଅପହଞ୍ଚ ରହିଛି। ଯାହା ଦ୍ୱାରା ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବିଭିନ୍ନ ପ୍ରକାର ଚିକିତ୍ସା ବ୍ୟବସ୍ଥାକୁ ଆପଣେଇ ନେଉଛନ୍ତି।

ସୂଚନା ଅନୁସାରେ ବୋଡ଼େନ ବ୍ଲକ୍ ସଦର ପଞ୍ଚାୟତ ଦଣ୍ଡେଇବସା ଗାଁର ଜୟରାଜଙ୍କ ସ୍ତ୍ରୀ ପ୍ରମିଳା ଗର୍ଭବତୀ ଥିବାରୁ ତାଙ୍କୁ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ବୋଡ଼େନ ଡାକ୍ତରଖାନାକୁ



ନିଆଯାଇଥିଲା। ସେଠାରେ ଡାକ୍ତର ରକ୍ତ କମ୍ ଥିବା କହି ତାଙ୍କୁ ନୂଆପଡା ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ପ୍ରମିଳାଙ୍କୁ ନୂଆପଡ଼ା ନେଇ ରକ୍ତ ଦେବା ସହ ଡାକ୍ତର ଡିସେମ୍ବର ୭ତାରିଖକୁ ପ୍ରସବ ସମୟ ଦେଇ ତାଙ୍କୁ ଫେରାଇ ଦେଲେ। ଘରେ ପହଞ୍ଚିବାର ଦିନକ ପରେ ପ୍ରମିଳା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଜନ୍ମର ଦିନକ ଶିଶୁର ଶରୀରରେ କଳାକଳା ଶିରା ପ୍ରଶିରା ସବୁ ଦେଖା ଯାଇଥିଲା। ତାକୁ କଳାଶିରା କହି କଳାବୁଡ଼ିକୁ ଗରମ କରି ୩ ଦିନର ଶିଶୁକୁ ପ୍ରାୟ ୧୫ରୁ ୨୦ ସ୍ଥାନରେ ଚେଙ୍କ ଦିଆଯାଇଛି। ଶିଶୁକୁ ଚେଙ୍କ ଦେବା ଘଟଣାକୁ ନେଇ ଜୟରାଜ ଓ ପ୍ରମିଳାଙ୍କୁ ଭେଟିବାରୁ ସେମାନେ ଚେଙ୍କ ଦେବା ସପକ୍ଷରେ ଯୁକ୍ତିବାଢ଼ି କହିଥିଲେ ଯେ କଳାଶିରା ବାହାରିଲେ ଶିଶୁ ଖାଦ୍ୟ ହଜମ କରିପାରେ ନାହିଁ, ବାନ୍ତି ହୁଏ, ଶ୍ୱାଶ ରୋଗର ପ୍ରଭାବ ଦେଖାଦିଏ। ଶିଶୁକୁ ଚେଙ୍କ ଦେବା ପରେ ଶିଶୁର ବାନ୍ତି ବନ୍ଦ ହେବା ସହ ସେ ଠିକ୍ ଅଛି। ଆଗରୁ ମଧ୍ୟ ତାଙ୍କର ଶିଶୁଙ୍କୁ ସେମାନେ ଅନୁରୁପ ଚେଙ୍କ ଚିକିତ୍ସା କରିଥିବା କହିଛନ୍ତି। ଏହି କଳାଶିରା ଓ ଚେଙ୍କ ଚିକିତ୍ସା ବିଷୟରେ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ଜିତେନ୍ଦ୍ର ସୋରେନଙ୍କୁ ପଚାରିବାରୁ, କଳାଶିରା କୌଣସି ରୋଗ ନୁହେଁ, ଜନ୍ମ ସମୟରେ ଯେଉଁ ଶିଶୁର ଚମଡ଼ା ଅଧିକ ପତଳା ଥାଏ ସେହି ଶିଶୁର ଶିରା ପ୍ରଶିରାଗୁଡ଼ିକ ଗାଢ଼ ନୀଳ ରଙ୍ଗ ହୋଇ ସ୍ପଷ୍ଟ ବାରିହୁଏ। ଏହାକୁ କଳାଶିରା କହି ଲୋକେ ନବଜାତ ଶିଶୁକୁ ଚେଙ୍କ ଦେବା ଭଳି ଏକ ବିଚିତ୍ର ଚିକିତ୍ସା କରୁଛନ୍ତି। ଏହା ସମ୍ପୂର୍ଣ୍ଣ ରୂପେ ଅନ୍ଧବିଶ୍ୱାସ; ଏଥି ପାଇଁ ସରକାର ଉଚିତ ଆଇନର ବ୍ୟବସ୍ଥା କଲେ ନବଜାତ ଶିଶୁ ପ୍ରତି ଏହି ଅତ୍ୟାଚାରକୁ ରୋକାଯାଇ ପାରନ୍ତା ବୋଲି ସେ କହିଥିଲେ।

### ବାଣ ଭିଡ଼ା ବେଳେ ବିସ୍ଫୋରଣ

# ଦୁଇ ସ୍କୁଲ ଛାତ୍ର ସମେତ ୪ ଗୁରୁତର





ବ୍ରହ୍ମପୁର/ଆସିକା, ୨୧।୧୦(ଇମିସ): ଆସିକା ଥାନା ଅନ୍ତର୍ଗତ ନଳବଣ୍ଟା ଗ୍ରାମରେ ଆଜି ସକାଳେ ଏକ ଘରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ୪ ଜଣ ଗୁରୁତର ହୋଇଛନ୍ତି। ଆହତଙ୍କ ମଧ୍ୟରେ ଅଛନ୍ତି ଦୁଇଜଣ ସ୍କୁଲ ଛାତ୍ର। ଆହତ ମାନେ ହେଲେ ଅଷ୍ଟମ ଶ୍ରେଣୀର ଛାତ୍ର ରବି ବେହେରା, ଜମିର ପ୍ରଧାନ ଏବଂ କୈଳାସ ପ୍ରଧାନ,କାଳିଆ ଦଳେଇ। କୈଳାସ ପ୍ରଧାନଙ୍କ ଘର ଭିତରେ ବାଣ ଭିଡ଼ାଯାଉଥିବା ବେଳେ ଏହି ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏହି ଶବ୍ଦ ଏତେ ପ୍ରକାଣ୍ଡ ଥିଲା ଯେ, ରବି ଓ ଜମିର ଉଡ଼ିଯାଇ ଖଣ୍ଡେ ଦୂରରେ ଛିଟିକି ପଡ଼ିଥିଲେ। ଘରର ସମସ୍ତ ଆସବାବପତ୍ର ଛିନ୍ନଛତ୍ର ହୋଇ ପଡ଼ିଯାଇଥିଲା। ଜମିରଙ୍କ ମୁହଁ,ଦୁଇ ହାତ ସଂପୂର୍ଣ୍ଣ ଭାବେ ପୋଡ଼ିଯାଇଥିବା ବେଳେ ରବିଙ୍କ ଗୋଡ଼,ହାତ ଓ ମୁହଁ ସମେତ ଶରୀରର ବିଭିନ୍ନ ଭାଗ ପୋଡ଼ିଯାଇଛି। ସେହିପରି କୈଳାସ ପ୍ରଧାନଙ୍କ ଶରୀରର ୭୦ ପ୍ରତିଶତ ପୋଡ଼ିଯାଇଥିବାରୁ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଏହାସହ ତାଙ୍କ ସହଯୋଗୀ କାଳିଆ ଦଳେଇ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଆଜି ସକାଳ ୮ଟା ବେଳେ ନୂଆସାହିସ୍ଥିତ କୈଳାସ ପ୍ରଧାନଙ୍କ ଘରେ ବାଣଭିଡ଼ା କାମ ଚାଲିଥିଲା। ଗତ ଦୁଇବର୍ଷ ହେଲାଣି କୈଳାସ ତାଙ୍କ ଘରେ ବାଣ ଭିଡ଼ା କାମ କରୁଛନ୍ତି। ବାତ୍ୟା ପରେ ଘରକୁ ସଜାଡ଼ି କୈଳାସ ବାଣଭିଡ଼ା ଆରମ୍ଭ କରିଥିଲେ। ତାଙ୍କ ସହ ଥିଲେ ସହଯୋଗୀ କାଳିଆ ଦଳେଇ। ପାଖରେ ଜମିର ଏବଂ ରବି ମଧ୍ୟ ଥିଲେ। ଖବର ମିଳିବା ସୁଦ୍ଧା କୈଳାସ ଓ ଜମିରଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ଅନ୍ୟ ମାନଙ୍କୁ ସର୍ଜରି ବିଭାଗରେ ଚିକିତ୍ସା ଜାରି ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମୋବାଇଲ୍‌ରେ ନାବାଳିକାର ଅଶ୍ଲୀଳ ଏମ୍‌ଏମ୍‌ଏସ୍, ଥାନାରେ ମାମଲା

ବେଲପାହାଡ଼, ୨୧/୧୦(ଇମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ରେ ଜଣେ ନାବାଳିକାର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରି ଇଣ୍ଟରନେଟ୍‌ରେ ଛାଡ଼ି ଦିଆଯାଇଛି। ଘଟଣା ପ୍ରଘଟ ହେବା ପରେ ନାବାଳିକାର ବାପା ବେଲପାହାଡ଼ ଥାନାରେ ଏତଲା ଦେଇଛନ୍ତି। ଏନେଇ ପୁଲିସ୍ ଏକ ଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ସହରର ଜଣେ ନାବାଳିକାକୁ ଜଣେ ପୁରୁଷ ବନ୍ଧୁ ବିଭିନ୍ନ ପ୍ରଲୋଭନ ଦେଖାଇ ଏକ କ୍ୱାର୍ଟରକୁ ନିରୋଳାରେ ଡ଼ାକି ନେଇଥିଲା। ସେଠାରେ ସୁଯୋଗ ନେଇ ସେ ନାବାଳିକା ସହ ଦୁଷ୍କର୍ମ କରିବା ସହ ଅଶ୍ଳୀଳ ଭିଡିଓ ଚିତ୍ର ନେଇଥିବା ଅଭିଯୋଗ ହୋଇଛି। ମୋବାଇଲରେ ଏହି ଚିତ୍ର ଉତ୍ତୋଳନ କରି ଇଣ୍ଟରନେଟ୍ ଓ ବଜାରରେ ଛଡ଼ାଯାଇଥିଲା। ସହରରେ ଏହି ଏମ୍‌ଏମ୍‌ଏସ୍ ଭିଡିଓଟି ଚାରିଆଡେ ବୁଲୁଥିବା ଜାଣିପାରି ପରିବାର ଲୋକେ ବେଲପାହାଡ଼ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ମାମଲା ତଦନ୍ତାଧୀନ ଥିବାରୁ ପୁଲିସ୍ ଅଭିଯୁକ୍ତର ପରିଚୟ କିମ୍ବା ଏଥିରେ ଜଡ଼ିତ ଅନ୍ୟ କୌଣସି ସୂଚନା ଦେବାକୁ ମନା କରି ଦେଇଛି। ନାବାଳିକା କହିବାନୁସାରେ, ଯୁବକ ଜଣକ ଜାନୁଆରି ମକର ସଂକ୍ରାନ୍ତି ସମୟରେ ତା'ସହିତ ଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି। ବେଲପାହାଡ଼ ପୁଲିସ କେସ୍ ନମ୍ବର ୯୪/୧୩ରେ ମାମଲାର ତଦନ୍ତ ଆରମ୍ଭ କରିଦେଇଛି। ସୋମବାର ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାବାଳିକାର ଡ଼ାକ୍ତରୀ ମାଇନା କରାଯାଇଛି। ଘଟନାରେ ଅଭିଯୁକ୍ତ ଫେରାର ଅଛି। ଏମ୍‌ଏମ୍‌ଏସ୍ କାଣ୍ଡ ପ୍ରଘଟ ହେବା ପରେ ବେଲପାହାଡ଼ରେ ଏହାର ନିନ୍ଦା କରାଯିବା ସହ କେତେକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଅଟକ

ଖଣ୍ଡଗିରି,୨୬।୧୦(ଇମିସ): ଗତକାଲି ସନ୍ଧ୍ୟାରେ ଜଣେ ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗରେ ଆଜି ମହିଳା ଥାନା ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ତେବେ ଏହି ମାମଲାରେ ଅନ୍ୟ ଜଣେ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଅଟକ ବ୍ୟକ୍ତି ହେଲେ ଖଣ୍ଡଗିରିବାରି ଅଞ୍ଚଳର ତେଜରାତି ଦୋକାନୀ ନିର୍ମଳଚନ୍ଦ୍ର ସାହୁ(୪୪)।

ମିଳିଥିବା ସୂଚନା ମୁତାବକ ଖଣ୍ଡଗିରିବାରି ଅଞ୍ଚଳରେ ରହୁଥିବା ଟୁନି(ଛଦ୍ମନାମ) ଜଣେ ଦଳିତ ନାବାଳିକା। ଟୁନିର ପରିବାର ଅଭିଯୁକ୍ତ ନିର୍ମଳଙ୍କ ପଡୋଶୀ। ଗତକାଲି ସନ୍ଧ୍ୟାରେ ଟୁନି ନିର୍ମଳଙ୍କ ଦୋକାନକୁ ଆସିଥିଲା। ତେବେ ଆଳୁ ବାଛିବା ବାହାନାରେ ନିର୍ମଳ ଟୁନିକୁ ଦୋକାନ ପଛ ଘରକୁ ପଠାଇଥିଲା। ପୂର୍ବରୁ ସେଠାରେ ଅନ୍ୟ ଜଣେ ଯୁବକ ଛକି ରହିଥିଲେ। ସେ ଟୁନିକୁ ଏକୁଟିଆ ପାଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବାବେଳେ ନିର୍ମଳ ଉକ୍ତ ଘର କବାଟକୁ ବାହାରୁ ବନ୍ଦ କରି ଦେଇଥିଲେ। ତେବେ ଭୟଭୀତ ନହୋଇ ଟୁନି ଜୋର୍‌ରେ ଚିତ୍କାର କରିଥିଲା। ତା'ର ପାଟି ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ରୁଣ୍ଡ ହୋଇ ଯାଇଥିଲେ। ସେମାନେ ଟୁନିକୁ ଉଦ୍ଧାର କରିବା ସମୟରେ କୌଶଳକ୍ରମେ ନିର୍ମଳ ସହ ଥିବା ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଟୁନିର ପରିବାର ଲୋକଙ୍କ ଅଭିଯୋଗକ୍ରମେ ନିର୍ମଳଙ୍କୁ ଧରି ଖଣ୍ଡଗିରି ଥାନା ଜିମା ଦେଇଥିଲେ। ଖଣ୍ଡଗିରି ଥାନା ପୁଲିସ ମାମଲାକୁ ମହିଳା ଥାନାକୁ ହସ୍ତାନ୍ତର କରିଛି। ମହିଳା ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମାମଲାର ଅଧିକ ତଦନ୍ତ ଚାଲିଛି। ଫେରାର୍ ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ସ୍କୁଲ୍ ଗେଟ୍ ପଡ଼ି ଛାତ୍ରୀ ମୃତ



ଯୁଯୁମୁରା, ୨୮।୧୦(ଇମିସ): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ୍ ଭୀମଖୋଜ ପ୍ରାଥମିକ ସ୍କୁଲର ଗେଟ୍ ଭାଙ୍ଗିବାରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସୋମବାର ପୂର୍ବାହ୍ଣ ୧୦ଟାରେ ଭୀମଖୋଜ ଗାଁର ଚତୁର୍ଥ ଶ୍ରେଣୀ ଛାତ୍ରୀ ପ୍ରବୀଣା ରଣା(୯) ତାଙ୍କ ସହପାଠିନୀଙ୍କ ସହ ସ୍କୁଲ ପରିସରରେ ସଫେଇ କରୁଥିଲେ। ପାଖରେ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାସିନୀ ମିଶ୍ର କାମ ତଦାଦଖ କରୁଥିଲେ। ଏହି ସମୟରେ ସ୍କୁଲର ଶୌଚାଳୟ ନିର୍ମାଣ ପାଇଁ ଏକ ବାଲି ବୋଝେଇ ଟ୍ରାକ୍ଟର ଆସିଥିଲା। ସ୍କୁଲ୍‌ର ମୁଖ୍ୟ ଗେଟ୍ ନିକଟରେ ହାଇଡ୍ରୋଲିକ୍ ଟ୍ରଲିରୁ ବାଲି ଖାଲି କରିବା ବେଳେ ତାହା ଗେଟ୍‌ରେ ବାଜିଥିଲା। ଫଳରେ ଦୁର୍ବଳ ଗେଟ୍‌ର ଉପର ଅଂଶ ଭାଙ୍ଗିଯାଇ ସଫେଇ କରୁଥିବା ଛାତ୍ରୀ ପ୍ରବୀଣାଙ୍କ ଉପରେ ପଡ଼ିଥିଲା। ଏଥିରେ ଛାତ୍ରୀ ଜଣକ ଗୁରୁତର ଆହତ ହୋଇଥିଲେ। ଯୁଯୁମୁରା ପୁଲିସ୍ ସହାୟତାରେ ତାଙ୍କୁ ତୁରନ୍ତ ସେଠାରୁ ଉଦ୍ଧାର କରାଯାଇ ବୁର୍ଲା ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଅପରାହ୍ଣ ୪ଟାରେ ପ୍ରବୀଣାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟନା ପରେ ଘଟନାସ୍ଥଳରେ ସାମୟିକ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟ୍ରାକ୍ଟର ଚାଳକ କ୍ଷୀରୋଦ ପ୍ରଧାନ ଘଟନା ପରେ ଫେରାର ହୋଇଯାଇଥିଲେ। ପୁଲିସ୍ ଟ୍ରାକ୍ଟରକୁ ଅଟକ ରଖି ତଦନ୍ତ ଜାରି ରଖିଛି। ଏ ସଂପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ ଘଟନା ବାବଦରେ ଯୁଯୁମୁରା ଥାନାକୁ ସୂଚନା ଦେଇଥିବା କହିଛନ୍ତି। ଅନ୍ୟପକ୍ଷରେ ଗାଁଲୋକେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁଁ ଏହି ଘଟନା ଘଟିଥିବା ଅଭିଯୋଗ କରିଛନ୍ତି। ଘଟନା ସଂପର୍କରେ ଯୁଯୁମୁରା ଥାନାରେ ଏକ ମାମଲା ରୁଜୁ ହୋଇଛି। ଗାଁରେ ଚାପା ଉତ୍ତେଜନା ଲାଗି ରହିଛି।

# ନାବାଳିକାକୁ ଦୁଷ୍କର୍ମ ପରେ ସିଗାରେଟ୍ ଚେଙ୍କ

ଚେଂଗାଲି, ୨୮/୧୦(ଇମିସ): ଫୋନ୍ କଲ୍ ଯୋଗୁଁ ବେଳେ ଅନେକ ଅଭାବନୀୟ କାଣ୍ଡ ଘଟିଥାଏ। ଗୋଟିଏ ମିସ୍ କଲ୍ ପାଇଁ ଜଣେ ଯୁବତୀଙ୍କୁ ଅକଥନୀୟ ନିର୍ଯାତନା ଭୋଗିବାକୁ ପଡ଼ିଛି। ଦୁଷ୍କର୍ମ ପରେ ସିଗାରେଟ୍ ଚେଙ୍କ ଖାଇଥିବା ନାବାଳିକା ପରିଶେଷରେ ଚାଇଲଡ୍ ଲାଇନ ଦ୍ୱାରା ଉଦ୍ଧାର ହୋଇଥିବା ବେଳେ ଅଭିଯୁକ୍ତ ଯଦୁପତି ଓରାମକୁ ଚେଂଗାଲି ଥାନା ପୁଲିସ୍ ଗିରଫ କରିଛି।

ଗତ ଜାନୁଆରି ମାସର କଥା। ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଂଚଳର ଜଣେ ଆଦିବାସୀ ଯୁବତୀ ଦିନେ ତାଙ୍କ କାକା ପୁଅ ଭାଇଙ୍କୁ ଫୋନ୍ କରୁଥିଲେ। ସେ ମିସ୍ କଲ୍ କରିଥିଲେ। ମାତ୍ର ଫୋନ୍ ନମ୍ବରଟି ଲଗାଇବା ବେଳେ ଟିକିଏ ଏପଟ ସେପଟ ହୋଇଯାଇଥିଲା। କାକା ପୁଅ ଭାଇଙ୍କ ନମ୍ବର ବଦଳରେ ଜମନକିରାର ଅନ୍ୟ ଜଣେ ଯୁବକଙ୍କୁ ଫୋନ୍ ନମ୍ବର ଲାଗିଯାଇଥିଲା। କଥା ହେଉ ହେଉ ସେମାନଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା। ଜମନକିରାର ଯୁବକଙ୍କ ଜରିଆରେ ସେ ଆଉ ଜଣେ ଯୁବକ ଯଦୁପତି ଓରାମ ସହ ଯୁବତୀଙ୍କ ପରିଚୟ ହୋଇଥିଲା। ଯଦୁପତି କାରଖାନାରେ ଚାକିରି କରେଇଦେବାର ପ୍ରଲୋଭନ ଦେଇ ତାଙ୍କୁ ଚେଂଗାଲିକୁ ଡାକି ଆଣିଥିଲା। ଦୁଇ ଜଣ ମହିଳାଙ୍କୁ ବିବାହ କରିଥିବା ତଥା ଦୁଇଟି ସନ୍ତାନର ଜନକ ଯଦୁପତି କିନ୍ତୁ ବିଭିନ୍ନ ଲୋକ ଘରେ ସଂପୃକ୍ତ ଯୁବତୀଙ୍କୁ କାମ କରାଇଥିଲା। କେବଳ ସେତିକି ନୁହେଁ, ତାଙ୍କ ସହ ଶାରୀରିକ ସଂପର୍କ ରଖିବାକୁ ବାଧ୍ୟ କରିଥିଲା। ପ୍ରତିବାଦ କରିବାରୁ ସିଗାରେଟ୍ ଚେଙ୍କ ଦେବା ସହ ମାଡ଼ପିଟ୍ ବି କରିବାକୁ ପଛେଇ ନଥିଲା। ଦିନେ ଜଣେ ଲୋକଙ୍କ ଘରେ କାମ କରିବା ବେଳେ ପୀଡ଼ିତାର ନଜର ପଡ଼ିଥିଲା ସମ୍ବାଦପତ୍ର ଉପରେ। ସମ୍ବାଦପତ୍ରରେ ଚାଇଲଡ୍ ଲାଇନର ନମ୍ବର ପାଇ ଯୋଗାଯୋଗ କରିଥିଲେ ସେ। ଗତକାଲି ସନ୍ଧ୍ୟାରେ ଚାଇଲଡ୍ ଲାଇନ୍ କର୍ତ୍ତୃପକ୍ଷ ପୀଡ଼ିତାଙ୍କୁ ସେଠାରୁ ଉଦ୍ଧାର କରିବା ପରେ ଆଜି ଚେଂଗାଲି ଥାନାରେଏତଲା ଦେଇଥିଲେ। ଚେଂଗାଲି ଥାନା ଅଧିକାରୀ ସୁରେଶ ତ୍ରିପାଠୀ ସଦଳବଳେ ଜାମବାହାଲ ଗାଁରେ ପହଂଚି ଯଦୁପତି ଓରାମ(୩୦)କୁ ତା' ଘରକୁ ଗିରଫ କରିଥିଲେ। ଆଜି ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ଆସନ୍ତାକାଲି ଯଦୁପତିକୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

# ନବମ ଶ୍ରେଣୀ ଛାତ୍ରକୁ ଛୁରି ଭୁସି ହତ୍ୟା

ଫୁଲନଖରା,୩୦।୧୦(ଇମିସ): ସଦର ଥାନା ଅନ୍ତର୍ଗତ ମହୀଧରପଡା ହାଇସ୍କୁଲ୍‌ର ନବମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରକୁ ଜଣେ ମାତାଲ ଯୁବକ ଛୁରି ଭୁସି ହତ୍ୟା କରିଛି। ଏପ୍ରକାର ବର୍ବର କାଣ୍ଡ କରିବା ପରେ ସଂପୃକ୍ତ ଯୁବକ ଫେରାର୍ ହୋଇଯାଇଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଲୋକେ ରାସ୍ତାରୋକ କରି ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ଏବଂ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ବଜାର ଉପରେ ଥିବା ମଦଦୋକାନରେ ଲୋକେ ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇ ଦେଇଛନ୍ତି।

ଏଭଳି ଏକ ଅଭାବନୀୟ ଘଟଣା ଆଜି ଦିନ ପାଖାପାଖି ସାଢେ ଗୋଟାଏ ବେଳେ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ନବମ ଶ୍ରେଣୀରେ ପଢୁଥିବା ଜଗନ୍ନାଥପୁର ବଙ୍ଗାଳି ସାହିର ପ୍ରତାପ ଦାସଙ୍କ ପୁଅ ଅଜୟ କୁମାର ଦାସ ସ୍କୁଲ୍‌ର ଖେଳ ଛୁଟି ସମୟରେ ଅନ୍ୟ ସାଙ୍ଗଙ୍କ ସହିତ ମିଶି ବଜାର ଉପରେ ଥିବା ଜଳଖିଆ ଦୋକାନକୁ ଖାଇବାକୁ ଆସିଥିଲେ। ସେହି ସମୟରେ ମହୀଧରପଡା ଗ୍ରାମର ସୁରେଶ ମହାପାତ୍ର ନାମକ ଯୁବକ ମାତାଲ ଅବସ୍ଥାରେ ସେଠାରେ ପାଟିତୁଣ୍ଡ କରିବା ସହିତ ଅଜୟ ଓ ଅନ୍ୟମାନଙ୍କୁ ଗାଳିଗୁଲଜ କରିଥିଲା। ଅଜୟ ତାହାର ପ୍ରତିବାଦ କରିବାରୁ ସୁରେଶ ଉତ୍ୟକ୍ତ ହୋଇ ଏକ ଧାରୁଆ ଛୁରିରେ ତାଙ୍କୁ ଆକ୍ରମଣ କରିଥିଲା। ଅଜୟଙ୍କ ବାମ ପଟ ଛାତିରେ ଛୁରି ଭୁସି ଦେଇଥିଲା।

## ରାସ୍ତାରୋକ; ମଦ ଦୋକାନ ପୋଡିଦେଲେ ଉତ୍ୟକ୍ତ ଲୋକ

ଅଜୟଙ୍କର ଘଟଣାସ୍ଥଳରେ ହିଁ ପ୍ରାଣବାୟୁ ଉଡି ଯାଇଥିଲା। ଅଭିଯୁକ୍ତ ସୁରେଶ ନାମରେ ପୂର୍ବରୁ ୭ଟି ହତ୍ୟା ଅଭିଯୋଗ ରହିଛି। ସୁରେଶ ଫେରାର୍ ହୋଇଯାଇଥିବା ବେଳେ ତାକୁ ଏଥିରେ ସହଯୋଗ କରିଥିବା ତା'ର ଭାଇ ରମେଶ ଓ ଅରଡିଆପଦାର ଦିଲ୍ଲୀପ ସେଠୀକୁ ସଦର ଥାନା ପୁଲିସ୍ ଅଟକ ରଖିଛି। ଏଭଳି ଏକ ଅଭାବନୀୟ ହତ୍ୟାକାଣ୍ଡକୁ ନେଇ ଉତ୍ୟକ୍ତ ଲୋକେ ତ୍ରିନାଥ ବଜାର ନିକଟରେ ଫୁଲନଖରା-ନିଆଳି ରାସ୍ତାକୁ ଅବରୋଧ କରିଥିବା ବେଳେ ମହୀଧରପଡା ମେଡିକାଲ୍ ଛକରେ ଛାତ୍ରଛାତ୍ରୀମାନେ ରାସ୍ତାରୋକ କରି ମୃତ ଛାତ୍ରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଉତ୍ୟକ୍ତ ଲୋକେ ମହୀଧରପଡା ରାସ୍ତାକଡରେ ଥିବା ମଦ ଦୋକାନକୁ ଭାଙ୍ଗି ଦେବା ସହିତ ସେଥିରେ ନିଆଁ ଲଗାଇ ଦେଇଥିଲେ। ଏସିପି ଓ ଥାନା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦ ହଜାର ଟଙ୍କା ସହାୟତାର ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଜଗନ୍ନାଥପୁର ସରପଞ୍ଚ କାଜଲ କିରଣ ବସ୍ତିଆ ହରିଶ୍ଚନ୍ଦ୍ର ଯୋଜନାରେ ଶବଦାହ ପାଇଁ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟପଟେ ନଗରି ପଂଚାୟତ ସରପଞ୍ଚ ରଂଜନା ପାତ୍ର ନିଜ ଉଦ୍ୟମରେ ୨ ହଜାର ଟଙ୍କାର ସହାୟତା ଦେଇଛନ୍ତି। ଦୀର୍ଘ ସମୟ ଆଲୋଚନା ଏବଂ ଅଭିଯୁକ୍ତକୁ ଖୁବ୍‌ଶୀଘ୍ର ଗିରଫ କରାଯିବାର ପ୍ରତିଶ୍ରୁତି ପରେ ସଂଧ୍ୟା ପାଖାପାଖି ୬ଟା ବେଳେ ସ୍ଥାନୀୟ ଲୋକ ରାସ୍ତାରୋକରୁ ଓହରି ଯାଇଥିଲେ।

# ରିଲିଫ୍ ବଦଳରେ ଲାଠିମାଡ଼

## ▶▶ ୫୦ ମହିଳା ଆହତ ▶▶ ଗାଡ଼ି ପୋଡ଼ି ▶▶ ୬୦ ଗିରଫ

ଟାଙ୍ଗୀ/ଖୋର୍ଦ୍ଧା, ୨୫/୧୦ (ଇମିସ): ବାତ୍ୟା ଓ ବନ୍ୟା କ୍ଷତିଗ୍ରସ୍ତ ଲୋକେ ରିଲିଫ୍ ପାଇଁ ଧାରଣାରେ ବସିଥିଲେ । ସମସ୍ତଙ୍କ ଆଶା ଥିଲା ସରକାରୀ ପଦାଧିକାରୀ ଆସିବେ। ଅଭାବ ଅସୁବିଧା ଦୂର କରିବାକୁ ପ୍ରତିଶ୍ରୁତି ଦେଇ ପଦକ୍ଷେପ ନେବେ। ହେଲେ ରିଲିଫ ମିଳିବ କ'ଣ ଲୋକଙ୍କୁ ମିଳିଲା ଲାଠି ମାଡ଼। ପୁଲିସ ମହିଳାଙ୍କୁ ବି ଗୋଡ଼ାଇ ଗୋଡ଼ାଇ ପିଟିଲା। ଲାଠିମାଡ଼ରେ ୫୦ରୁ ଅଧିକ ଆନ୍ଦୋଳନକାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ମହିଳା । ଘଟଣାଟି ଘଟିଛି ୫ ନମ୍ବର ଜାତୀୟ ରାଜପଥର ଉଗ୍ରତାରା ମନ୍ଦିର ଛକ ନିକଟରେ। ଲୋକଙ୍କ ପାଲଟା ଆକ୍ରମଣରେ ୩ଟି ସରକାରୀ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିବା ବେଳେ ଢେଲା ପଥର ମାଡ଼ରେ ୧୦ ଜଣରୁ ଅଧିକ କର୍ମଚାରୀ ବି ଆହତ ହୋଇଥିବା କୁହାଯାଉଛି। ଏହି ରିପୋର୍ଟ ଲେଖା ହେବା ବେଳକୁ ସେଠାରେ ପରିସ୍ଥିତି ଉତ୍ତେଜନାମୂଳକ ରହିଛି। ଭୋକ ଉପାସରେ ଥିବା ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ଦେବା ପରିବର୍ତ୍ତେ ପ୍ରଶାସନିକ ଅଧିକାରୀ ଓ ପୁଲିସ କର୍ମଚାରୀମାନେ ଲାଠି ମାଡ଼ କରିବା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ୍ ସମ୍ପୃକ୍ତ ଅଞ୍ଚଳରେ ରାତିଅଧିଆ ଚଢ଼ଉ ଜାରି ରଖିଛି। ପ୍ରାୟ ୬୦ରୁ ଅଧିକ ଲୋକଙ୍କୁ ଗିରଫ କରି ଥାନାକୁ ଆଣିଛି। ଏହି ଘଟଣାର ପ୍ରତିବାଦରେ ଆସନ୍ତାକାଲି ଟାଙ୍ଗୀ ଥାନା ଘେରାଉ କରାଯିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୧୨ ତାରିଖ ବାତ୍ୟା ଓ ବନ୍ୟାରେ କନ୍ତଳବାଇ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି

➡ ୯

# ରିଲିଫ୍ ବଦଳରେ ...

ହୋଇଛି। ହେଲେ ଏପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କୁ ରିଲିଫ କିମ୍ବା କ୍ଷତିପୂରଣ ମିଳିନାହିଁ। ଘର ହରାଇଥିବା ଲୋକେ ଲଗାଣ ବର୍ଷାରେ ନାହିଁ ଅସୁବିଧାରେ ରହିଛନ୍ତି। କ୍ଷତିଗ୍ରସ୍ତଙ୍କୁ ରିଲିଫ, ପଲିଥିନ ପ୍ରଦାନ ସହ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ପ୍ରଭୃତି ବିଭିନ୍ନ ଦାବି ନେଇ ଗତକାଲି ୫ଶହରୁ ଅଧିକ ମହିଳା ସ୍ଥାନୀୟ ଆରଆଇ ଅଫିସ ଘେରାଉ କରିବା ସହ ତେନ୍ତୁଳିଆପଡା ତିନି ମୁହାଣି ଛକରେ ରାସ୍ତାରୋକ କରିଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତାରୋକ୍ ହୋଇଥିବା ବେଳେ କେହି ବି ସରକାରୀ ପଦାଧିକାରୀ ସେଠାରେ ପହଞ୍ଚି ନଥିଲେ। ତେଣୁ ଆଜି ଉଗ୍ରତାରା ମନ୍ଦିର ଛକ ଠାରେ ଜାତୀୟ ରାଜପଥ ଅବରୋଧ କରିବାକୁ ଆନ୍ଦୋଳନକାରୀ ମହିଳାମାନେ ନିଷ୍ପତ୍ତି ନେଇଥିଲେ। ଆଜି ଅପରାହ୍ନ ପ୍ରାୟ ୧ଟାରୁ ମହିଳାମାନେ ରାଜପଥରେ ବସି ରହି ରାସ୍ତାରୋକ୍ କରିଥିଲେ। ଏହି ରାସ୍ତାରୋକ ପ୍ରାୟ ୬ଘଣ୍ଟା ଧରି ଚାଲିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମଟର ଅଟକି ରହିଥିଲା। ସଂଧ୍ୟାରେ ଟାଙ୍ଗୀ ବିଡ଼ିଓ ଏବଂ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରୁଥିଲେ। ଏହି ସମୟରେ ବାଣପୁରରୁ ପୁଲିସ ଆଇଜି ଓ ଖୋର୍ଦ୍ଧା ଏସ୍‌ପି ଫେରୁଥିଲେ। ସେହିପରି ଭୁବନେଶ୍ୱରରୁ ଏକ ଦମକଳ ବିଭାଗର ଗାଡି ବାଣପୁର ଆଡକୁ ଯାଉଥିଲା। ରାସ୍ତା ଅବରୋଧ ଦେଖି ଆନ୍ଦୋଳନକାରୀଙ୍କୁ ବଳପୂର୍ବକ ହଟାଇବାକୁ ପୁଲିସ ପକ୍ଷରୁ ଉଦ୍ୟମ ହୋଇଥିଲା। ମହିଳାମାନେ ରାସ୍ତାରୁ ନ ହଟି ବସି ରହିବାରୁ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ପୁଲିସ କର୍ମଚାରୀ ଆନ୍ଦୋଳନକାରୀଙ୍କୁ ଲାଠିମାଡ କରି ହଟାଇବାରୁ ଆନ୍ଦୋଳନକାରୀମାନେ ଉତ୍କ୍ଷିପ୍ତ ହୋଇ ଢେଲା ପଥର ମାଡ କରିଥିଲେ। ଏହାକୁ ପୁଲିସ ପକ୍ଷରୁ ଆଖିବୁଜା ଲାଠିମାଡ ହୋଇଥିଲା। ଫଳରେ ୫୦ରୁ ଅଧିକ ମହିଳା ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଆନ୍ଦୋଳନକାରୀମାନେ ପୁଲିସ ଉପରକୁ ପାଲଟା ପଥର ମାଡ଼ କରିବା ସହ ଗୋଟିଏ ପୁଲିସ ଗାଡି ଓ ଏକ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ। ଏହାଛଡ଼ା ବିଡ଼ିଓ ଓ ତହସିଲଦାରଙ୍କ ଗାଡି ମଧ୍ୟ ଭଙ୍ଗାରୁଜା କରିଥିଲେ। ପୁଲିସ ମାଡରେ ଆହତ ମହିଳାମାନେ ପ୍ରାଣବିକଳରେ ସ୍ଥାନୀୟ କ୍ଷେତ ଆଡକୁ ଦୌଡ଼ି ପଳାଉଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳକୁ ଅଧିକ ପୁଲିସ୍ ଓ ପଦସ୍ଥ ଅଫିସରଙ୍କୁ ପଠାଯାଇଥିବା ଜଣାପଡ଼ିଛି।

# ପୁଲିସ ଉଠାଇ ନେଇଥିବା ଦୁଇଜଣଙ୍କ ପତ୍ତା ମିଳୁନି

କୋରାପୁଟ,୨୫।୧୦(ଇମିସ): ନାରାୟଣପାଟଣା ବ୍ଲକ୍ ଟିଙ୍ଗଣାପୁଟ, ତେମକାପାର୍ ଗ୍ରାମର ଦୁଇ ଜଣଙ୍କୁ ପୁଲିସ୍ ଉଠାଇ ନେଇଥିବା ଅଭିଯୋଗରେ ଆଜି ପରିବାର ଲୋକ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୧୦ ଦିନ ହେଲା ଦୁଇ ଜଣଙ୍କୁ ପୁଲିସ୍ ନେଇଥିଲେ ମଧ୍ୟ ସେମାନେ କେଉଁଠି ଅଛନ୍ତି, କିପରି ଅଛନ୍ତି ସେ ସଂପର୍କରେ କିଛି ସୂଚନା ଦେଉନି। ପରିବାର ଲୋକ ନାରାୟଣପାଟଣା ଥାନା ଓ କୋରାପୁଟ ଜେଲ୍‌କୁ ଯାଇ ନିରାଶ ହେଲେଣି। କେଉଁଠି ବି ଦୁଇ ଜଣଙ୍କ ପତ୍ତା ପାଇ ପାରୁ ନାହାନ୍ତି। ପୁଲିସ୍ କହୁଛି ଆମେ ଜାଣିନୁ। ଏପରି ସ୍ଥିତିରେ ପରିବାର ଲୋକ ଦୁଇ ଜଣଙ୍କ ଉଦ୍ଧାର ପାଇଁ ଆଜି ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ଏସ୍‌ପିଙ୍କ ସହ ଆଲୋଚନା କରି ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ସଚିନ୍ ରାମଚନ୍ଦ୍ର ଯାଦବ ପ୍ରତିଶ୍ରୁତି ଦେବା ପରେ ପରିବାର ଲୋକ ଆଶ୍ୱସ୍ତ ହୋଇଛନ୍ତି। ଆସନ୍ତା କାଲି ପରିବାର ଲୋକ ଏସ୍‌ପିଙ୍କୁ ସାକ୍ଷାତ କରି ଏ ସଂପର୍କରେ ପଚାରି ବୁଝିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ଗତ ୧୫ ତାରିଖ ସକାଳ ୭ଟାରେ ପୁଲିସ୍ ବାହିନୀ ପୋଡାପଦର ପଞ୍ଚାୟତ ଟିଙ୍ଗଣାପୁଟ ଗାଁର ବରି ମିଣିଆକାକୁ ଉଠାଇ ନେଇଥିଲେ। ପରିବାର ଲୋକ କିଛି ଜାଣିବା ପୂର୍ବରୁ ବିରିଙ୍କୁ ନେଇ ପୁଲିସ୍ ପଳାଇ ଆସିଥିବା ସଂପର୍କୀୟ ଅଭିଯୋଗ କରିଛନ୍ତି। କିନ୍ତୁ ଆଜି ସୁଦ୍ଧା ବିରିଙ୍କ କୌଣସି ସୂଚନା ପରିବାର ଲୋକ ପାଇ ପାରୁ ନାହାନ୍ତି। ସେହିପରି ଗତ ୧୬ ତାରିଖରେ ନାରାୟଣପାଟଣା ପଞ୍ଚାୟତ ତେକାପାର ଗାଁର ସମ୍ବୁରୁ ସିରିକାକୁ ପୁଲିସ୍ ରାସ୍ତାରୁ ଉଠାଇ ନେଇଥିଲା। ସମ୍ବୁରୁ ନିଜ ଭଉଣୀ ଘରକୁ କୁଣିଆ ଯାଇ ଫେରୁଥିବା ବେଳେ ପୁଲିସ୍ ଉଠାଇ ନେଇଥିବା ସମ୍ବୁରୁଙ୍କ ସ୍ତ୍ରୀ ସୁକୁରି ସିରିକା ଅଭିଯୋଗ କରିଛନ୍ତି।

# ପୁଲିସ ଜୁଲମ୍ ପ୍ରତିବାଦରେ ଫାଣ୍ଡି ଘେରାଉ

ଖୋର୍ଦ୍ଧା/ଟାଙ୍ଗୀ, ୨୭/୧୦ (ଇମିସ): ରିଲିଫ ବଦଳରେ ଲୋକଙ୍କୁ ଲାଠି ମାଡ଼ ଓ ବ୍ୟାପକ ଗିରଫଦାରୀ ପ୍ରତିବାଦରେ ଆଜି ଭୁଷଣ୍ଡପୁର ଫାଣ୍ଡି ଘେରାଉ ହୋଇଛି । ୫ ଶହରୁ ଊର୍ଦ୍ଧ୍ୱ ମହିଳା ପୁଲିସ ଅତ୍ୟାଚାର ତୀବ୍ର ପ୍ରତିବାଦ କରିଥିଲେ । ଆନ୍ଦୋଳନକାରୀଙ୍କ ବିରୋଧରେ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ମିଳିବା ପରେ ଶାନ୍ତ ହୋଇଥିଲେ । ନାରୀ ନେତ୍ରୀ ପୁଷ୍ପା ପଣ୍ଡାଙ୍କ ନେତୃତ୍ୱରେ ଆଜି ପୂର୍ବାହ୍ନ ୧୦ଟା ବେଳେ ଶହ ଶହ ମହିଳା ଝାନ୍‌ସୀପାଟଣା ଛକରୁ ଶୋଭାଯାତ୍ରାରେ ବାହାରିଥିଲେ । ସେମାନେ ପୁଲିସ ଓ ପ୍ରଶାସନ ବିରୋଧୀ ସ୍ଲୋଗାନ ଦେଇ ଭୁଷୁଣ୍ଡପୁର ଫାଣ୍ଡି ସମ୍ମୁଖରେ ପହଞ୍ଚିଥିଲେ । ବାତ୍ୟା, ବନ୍ୟା ଓ ଲଗାଣ ବର୍ଷାରେ ଲୋକଙ୍କ ଅବସ୍ଥା ଶୋଚନୀୟ ଥିବା ବେଳେ ରିଲିଫ ଓ ପଲିଥିନ ଖଣ୍ଡିଏ ପାଇଁ ଲୋକେ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇ ନିରାଶ ହେବା ପରେ ରାସ୍ତାରେ ବସିଥିଲେ । କିନ୍ତୁ ପୁଲିସ କର୍ମଚାରୀ ଭୋକିଲା ପେଟରେ ଲାଠି ମାଡ଼ ଦେଇ ହଟାଇଲେ ଏବଂ କେସ୍ ଦେଇ ଜେଲ୍ ପଠାଇଲେ । ଏଭଳି ଅନ୍ୟାୟକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଆନ୍ଦୋଳନରେ ସାମିଲ ବକ୍ତାମାନେ କହିଥିଲେ । ପୁଲିସ ଜୁଲମ ବନ୍ଦ ନହେବା ପର୍ଯ୍ୟନ୍ତ ଫାଣ୍ଡି ଘେରାଉ ଜାରି ରହିବ ବୋଲି ସେମାନେ କହିଥିଲେ । ଏହି ଆନ୍ଦୋଳନରେ ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକ, ଗିରୀଶ ମହାରଣା ପ୍ରମୁଖ ସାମିଲ ହୋଇ ବକ୍ତବ୍ୟ ରଖିଥିଲେ । ଏ ସମ୍ପର୍କରେ ଖବର ପାଇ ବାଲୁଗାଁ ଏସ୍‌ଡିପିଓ ପ୍ରଦୀପ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ରାଜପଥ ଅବରୋଧ ମାମଲାରେ ପୁଲିସ ଆଉ କାହାରିକୁ ଗିରଫ କରିବ ନାହିଁ, ଯେଉଁମାନେ ଗିରଫ ହୋଇଛନ୍ତି ସେମାନଙ୍କ ପ୍ରତି ଉଚିତ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଆନ୍ଦୋଳନକାରୀମାନେ ଫାଣ୍ଡି ଘେରାଉ ପ୍ରତ୍ୟାହାର କରି ନେଇଥିଲେ । ଏହି ଘେରାଉକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ଫାଣ୍ଡିରେ ପ୍ରାୟ ୭ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ନିରାକାରପୁର ଓ ଟାଙ୍ଗୀ ଥାନା ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିଥିଲେ ।

# ନକ୍ସଲ ଭାବି ଆଦିବାସୀଙ୍କୁ ଗୁଳି, ଯୁବକ ମୃତ

କୋରାପୁଟ/ଲମତାପୁଟ,୩୦।୧୦(ଇମିସ): ନକ୍ସଲ ସଂଦେହରେ କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍ ଲିଟିପୁଟ ଗ୍ରାମ ନିକଟରେ ଗତକାଲି ରାତିରେ ବିଏସ୍‌ଏଫ୍ ଯବାନଙ୍କ ଗୁଳି ମାଡ଼ରେ ଜଣେ ଆଦିବାସୀ ଯୁବକର ମୃତ୍ୟୁ ହୋଇଛି । ମୃତ ଯୁବକଙ୍କ ନାମ ଗଙ୍ଗାଧର କିର୍ସାନୀ (୩୦) । ପ୍ରଜାକୋର୍ଟ ପାଇଁ ରାସ୍ତାରୋକ ହଟାଇବା ପାଇଁ ବୁଝାସୁଝା କରିଥିଲେ । କ୍ଷତି ପୂରଣ ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୋକ ହଟିବନି ବୋଲି ଗ୍ରାମବାସୀ ଜିଦ୍ ଧରିଥିଲେ । ପ୍ରାଥମିକ ପର୍ଯ୍ୟାୟରେ ବିଏସ୍‌ଏଫ୍ ପକ୍ଷରୁ ଗ୍ରାମବାସୀଙ୍କୁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରା ଯାଇଛି । ଘଟଣାସ୍ଥଳରେ ଜିଲ୍ଲାପାଳଙ୍କ

- **୨୫ ରାଉଣ୍ଡ ଗୁଳି ଚଳାଇଥିଲେ ଯବାନ୍**
- **ଗୁନେଇପଡ଼ାରେ ଶବ ରଖି ରାସ୍ତାରୋକ**
- **ମାଛକୁଣ୍ଡ ଥାନା ଭଙ୍ଗାରୁଜା, ଥାନାଧିକାରୀ ଅଟକ**

ନକ୍ସଲ ଆସୁଥିବା ସଂଦେହ କରି ଯବାନ ଏହି କାଣ୍ଡ ଘଟାଇଛନ୍ତି । ଏଠାରେ ପାଖାପାଖି ୨୫ ରାଉଣ୍ଡ ଗୁଳି ଚଳାଯାଇଛି । ଘଟଣାସ୍ଥଳରେ ଫୁଟିଥିବା ଗୁଳିର ଖୋକା, କ୍ୟାଟ୍ରିଜ୍ ଏବଂ ଯବାନଙ୍କ କ୍ୟାପ୍ ପଡ଼ିଛି । ଗଙ୍ଗାଧରଙ୍କ ସାଙ୍ଗରେ ଥିବା ଗ୍ରାମର ସମରା ଚାଲାଣ ଯବାନଙ୍କ ଗୁଳି ମାଡ଼ରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ପ୍ରତିବାଦରେ ଆଜି ଦିନ ତମାମ ଉତ୍ତେଜନା ଲାଗି ରହିବା ସହିତ ଗ୍ରାମବାସୀ ଗୁନେଇପଡା ହାଟ ରାସ୍ତାରେ ଗଙ୍ଗାଧରଙ୍କ ମୃତଦେହକୁ ରଖି ରାସ୍ତା ଅବରୋଧ କରିଥିଲେ । ଘଟଣାର ତଦନ୍ତ ସହିତ ପରିବାରର ଜଣଙ୍କୁ ଚାକିରି, ୩୦ ଲକ୍ଷ କ୍ଷତି ପୂରଣ ଦେବା ପାଇଁ ଗ୍ରାମବାସୀ ଦାବି କରିଥିଲେ । ଅପରାହ୍ଣରେ ଉତ୍ୟକ୍ତ ଗ୍ରାମବାସୀ ମାଛକୁଣ୍ଡ ଥାନା ଭଙ୍ଗାରୁଜା କରିବା ସହିତ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କୁ ଅଟକ ରଖିଥିଲେ । ଖବର ପାଇ ବିଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ସତ୍ୟ ରଂଜନ ପଣ୍ଡା, ମାଛକୁଣ୍ଡ କ୍ୟାମ୍ପ କମାଣ୍ଡାଣ୍ଟ ସଂଜିତ୍ ରାଓ୍ୱତ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଅଧିକାରୀ ସୁଦେଶ ପଟ୍ଟନାୟକ ପହଞ୍ଚି ମୃତ ଗଙ୍ଗାଧରଙ୍କ ପରିବାରକୁ ଇନ୍ଦିରା ଆବାସ, ଗଙ୍ଗାଧରଙ୍କ ସ୍ତ୍ରୀକୁ ବିଧବା ଭତ୍ତା ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏଥି ସହିତ ମୃତ ଗଙ୍ଗାଧରଙ୍କ ସ୍ତ୍ରୀ ଯମୁନା କିର୍ସାନୀଙ୍କୁ କୌଣସି ସରକାରୀ ସଂସ୍ଥାରେ ଥଇଥାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନିକ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ସଂଧ୍ୟା ୬ଟାରେ ରାସ୍ତାରୋକ ହଟିଥିଲା । ରାସ୍ତାରୋକ ହଟିବା ପରେ ମୃତ ଗଙ୍ଗାଧରଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଛି ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଗତକାଲି ରାତି ୮ଟାରେ ଲିଟିପୁଟ ଗ୍ରାମର ଗଙ୍ଗାଧର ଓ ସମରା ମାଣ୍ଡିଆବାଡ ଜଗିବା ପାଇଁ ଘରୁ ବାହାରି ଥିଲେ । ଘରଠାରୁ ୫ ଶହ ମିଟର ଦୂରରେ ଉଭୟେ ନାଳ ପାର ହେଉଥିବା ସମୟରେ ନାଳରୁ କଙ୍କଡା ଧରି



ଗ୍ରାମବାସୀଙ୍କ ରାସ୍ତାରୋକ (ଇନ୍‌ସେଟ୍) ଘଟଣାସ୍ଥଳରେ କ୍ୟାଟ୍ରିଜ୍ ଓ ଖୋକା ପଡ଼ିଛି

ଜମିରେ ପୋଡ଼ି ଖାଇବାକୁ ମନସ୍ଥ କରିଥିଲେ । ଟର୍ଚ୍ଚ ଲାଇଟ୍ ପକାଇ ଗଙ୍ଗାଧର, ସମରା ନାଳରୁ କଙ୍କଡା ଧରୁଥିବା ବେଳେ ମାଛକୁଣ୍ଡ କ୍ୟାମ୍ପର ବିଏସ୍‌ଏଫ୍ ଯବାନ କମ୍ବିଂ ଅପରେସନ୍ ସାରି ଉକ୍ତ ରାସ୍ତାରେ ଫେରୁଥିଲେ । ଯବାନଙ୍କ ଉପରେ ଟର୍ଚ୍ଚ ଲାଇଟ୍ ପଡ଼ିବା ପରେ ନକ୍ସଲ ସଂଦେହରେ ଦୁଇ ଯୁବକଙ୍କ ଉପରକୁ ଯବାନ ଗୁଳି ମାଡ଼ କରିଥିଲେ । ଗୁଳିମାଡ଼ରେ ଗଙ୍ଗାଧର ଘଟଣା ସ୍ଥଳରେ ଟଳି ପଡ଼ିଥିଲେ । ଗଙ୍ଗାଧରଙ୍କ ଶରୀରର ଗୋଡ, ପେଟ ଓ ବିଭିନ୍ନ ସ୍ଥାନରେ ୮ରୁ ଊର୍ଦ୍ଧ୍ୱ ଗୁଳି ବାଜିଛି । ସମରା ପ୍ରାଣ ବିକଳରେ ଘଟଣାସ୍ଥଳରୁ ଦୌଡ଼ି ଆସି ଗ୍ରାମବାସୀଙ୍କୁ ଘଟଣା ସଂପର୍କରେ ଜଣାଇ ଥିଲେ । ଶତାଧିକ ଗ୍ରାମବାସୀ ଟର୍ଚ୍ଚ, ଠେଙ୍ଗା ଧରି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗଙ୍ଗାଧରଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା । ସକାଳୁ ଲିଟିପୁଟ ସମେତ ଉପାପଡା, ମାଟାମପୁଟ, ଗୁନେଇପଡା, ପଇବେଡା ଗ୍ରାମବାସୀ ଗୁନେଇପଡା ହାଟ ନିକଟରେ ଗଙ୍ଗାଧରଙ୍କ ମୃତ ଦେହକୁ ରଖି ରାସ୍ତାରୋକ କରିଥିଲେ । ଯାହା ଫଳରେ ଲମତାପୁଟ-ମାଛକୁଣ୍ଡ-ବିଶାଖାପାଟଣାକୁ ଯାତାୟତ୍ ଠପ୍ ହୋଇ ପଡ଼ିଥିଲା । ମଧ୍ୟାହ୍ନ ୨ଟା ସୁଦ୍ଧା କ୍ଷତି ପୂରଣ ନେଇ ପ୍ରତିଶ୍ରୁତି ନ ମିଳିବା ପରେ ଉତ୍ୟକ୍ତ ଗ୍ରାମବାସୀ ମାଛକୁଣ୍ଡ ଥାନା ଘେରାଉ କରିବା ସହିତ ଭଙ୍ଗାରୁଜା କରି ଥାନା ଅଧିକାରୀ ଶ୍ରୀ ରାଉତରାୟଙ୍କୁ ଅଟକ ରଖିଥିଲେ । ଖବର ପାଇ ବିଏସ୍‌ଏଫ୍ ଅଧିକାରୀ ଓ ପ୍ରଶାସନିକ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି କ୍ଷତି ପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା ।

# ପୋସ୍କୋ ଫାଇଲ୍ ସଜାଡ଼ିବାକୁ କେନ୍ଦ୍ରର ତାଗିଦ




**● ନଭେମ୍ବର ୯ରେ ଭାରତ-କୋରିଆ ମିଳିତ ବୈଠକ**

**● ଷ୍ଟାଟସ୍ ରିପୋର୍ଟରେ ସବୁ ଗୋଲାପୀ, ବାସ୍ତବତା ଧୂସର**

ଭୁବନେଶ୍ୱର,୨୫।୧୦(ଇମିସ): ସରକାରୀ ରିପୋର୍ଟ କହୁଛି, ଆଉ କିଛି ପରବାୟ ନାହିଁ। ସବୁକିଛି ଟ୍ରାକ୍‌ରେ ପଡ଼ିଗଲାଣି। ପ୍ରଥମ ପର୍ଯ୍ୟାୟ ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ହୋଇ, ସରକାରଙ୍କ ହାତକୁ ଆସି ସାରିଲାଣି। ବିରୋଧର ତାତି ଆଉ ଆଗଭଳି ନାହିଁ। ଅତଏବ, ୨୦୧୪ ପ୍ରଥମ ଭାଗରେ ଯେକୌଣସି ଦିନ, 'ପୋସ୍କୋ' ପ୍ରକଳ୍ପର ଶିଳାନ୍ୟାସ ହୋଇଯିବାରେ କିଛି ବୋଲି କିଛି ସମସ୍ୟା ନାହିଁ।

ପ୍ରଶାସନିକ ରିପୋର୍ଟର ରଙ୍ଗ ସିନା ଏମିତି ଗାଢ଼ ଗୋଲାପୀ। ବାସ୍ତବତା କିନ୍ତୁ ଧୂସର। ଗ୍ରାଉଣ୍ଡ-ରିପୋର୍ଟ କହୁଛି, ଜମି ଅଧିଗ୍ରହଣ ପୂର୍ଣାଙ୍ଗ ହୋଇନାହିଁ। ଅନେକ ଲୋକ (ଜମିହରା ହିତାଧିକାରୀ ) କ୍ଷତିପୂରଣ ପାଇନାହାନ୍ତି। ଜମି ଉପରୁ ଦଖଲ ବି ଛାଡ଼ିନାହାନ୍ତି। ବିରୋଧର ତେଜ ଟିକିଏ କମିଯାଇଛି ସିନା, ଅସନ୍ତୋଷର ନିଆଁ କିନ୍ତୁ ଲିଭିନି। ପୁଣି କେଉଁ ମୁହୂର୍ତ୍ତରେ ହୁତ୍ କରି ଜଳିପାରେ। ଗ୍ରାଉଣ୍ଡ-ଜିରୋ ରିପୋର୍ଟରେ ସ୍ଥିତି ଏତେ ଅଳକିଆ। ଉପରନ୍ତୁ, ସରକାରୀ ସ୍ତରରେ ବି ଲାଗିରହିଛି ନାନା ଅସୁବିଧା। ନୂଆ ଏମ୍ଓୟୁ ସ୍ୱାକ୍ଷରିତ ହୋଇପାରୁନି କି' ସେଥିପାଇଁ ସର୍ତ୍ତରେ ସହମତି ଆସିପାରୁନି। ଖଣ୍ଡାଧାର ଖଣି ନିଷ୍ପତ୍ତି ଲଟକିଛି। ପ୍ରକଳ୍ପ ଇଲାକାରେ ଗଛକଟା ବିବାଦ ବି ଅସମାହିତ ରହିଛି। ଜାତିସଂଘ ସର୍ଭେ ରିପୋର୍ଟରେ ପ୍ରକଳ୍ପ ସ୍ଥାନରେ ମାନବାଧିକାର ଉଲ୍ଲଂଘନର ଅଭିଯୋଗ ମଧ୍ୟ ଲୋକଙ୍କୁ ସନ୍ଦେହାଚ୍ଛନ୍ନ କରି ରଖିଛି।

ବାଉନ ହଜାର କୋଟିର ପ୍ରାଇଜ୍ ପ୍ରକଳ୍ପ ପୋସ୍କୋକୁ ନେଇ ଏଭଳି ଘନଘଟା ଲାଗି ରହିଥିବା ବେଳେ, ରାଜ୍ୟ ସରକାରଙ୍କ ନିକଟକୁ କେନ୍ଦ୍ରରୁ ତାଗିଦ୍‌ନାମା ଆସି ପହଞ୍ଚିଛି। କି' ପୋସ୍କୋ ପ୍ରକଳ୍ପର ସର୍ବଶେଷ ତାତ୍କାଳିକ ସ୍ଥିତି ଜଣାଅ। ଆସନ୍ତା ନଭେମ୍ବର ୯ ତାରିଖରେ ଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ବସିବ ସପ୍ତମ ଭାରତ-କୋରିଆ ଯୁଗ୍ମ କମିସନ୍ ବୈଠକ (ଜେସିଏମ୍)। ସେଇଠି ଉଠିବ ପ୍ରକଳ୍ପର ଅଗ୍ରଗତି କଥା। ଏଜେଣ୍ଡା ଅବଶ୍ୟ ସ୍ଥିର ହୋଇନି। ତଥାପି ଆଶା କରାଯାଉଛି କି' କେତେ ଦୂର ଗଲା ପ୍ରକଳ୍ପ କାମ, କେତେ ଦୂର ଆଗେଇଲା ପ୍ରଶାସନ, ବିରୋଧର ନିଆଁ ଲିଭିଲାଣି ନା ଜୁହୁଳୁଛି, ପ୍ରଶାସନ କିଛି କରୁଛି ନା ଦେଖଣାହାରୀ ସାଜି ଚୁପ୍ ବସିଛି.. ଏସବୁ ପ୍ରଶ୍ନ ଉଠିବ ବୈଠକରେ। ଦୁଇ ଦେଶର ବୈଦେଶିକ ବ୍ୟାପାର ମନ୍ତ୍ରୀ ଓ ମନ୍ତ୍ରାଳୟର ଅଧିକାରୀମାନେ ଦ୍ୱିପାକ୍ଷିକ ସଂପର୍କର ଦୃଢ଼ୀକରଣ ବାବଦରେ କଥା ହେବା ବେଳେ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବେ। ବୈଠକକୁ ରାଜ୍ୟ ଶିଳ୍ପ ବିଭାଗର ପ୍ରମୁଖ ସଚିବଙ୍କୁ ତ' ଡକାଯାଇଛି। ତେବେ ତା' ଆଗରୁ ପ୍ରକଳ୍ପ ସଂପର୍କିତ ପୂର୍ଣାଙ୍ଗ ରିପୋର୍ଟ ରାଜ୍ୟ ସରକାରଙ୍କୁ ମଗାଯାଇଛି। ରିପୋର୍ଟ ଫାଇଲ୍ ସଜାଡ଼ିବା ଚକ୍‌କର୍‌ରେ ଶିଳ୍ପ ବିଭାଗ ଏ ଭିତରେ ଇଡ୍‌କୋ, ଇପିକଲ୍ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନଠୁ ଷ୍ଟାଟସ୍ ରିପୋର୍ଟ ତଲବ କରି ସାରିଲାଣି। ସବୁ ରିପୋର୍ଟ ପାଇବା ପରେ ମିଳାଇ ତଉଲିବ। ବୈଠକରେ ଉପସ୍ଥାପନ କରାଯିବା ପାଇଁ ଚିତ୍ରକୁ କେତେ ଗାଢ଼ ଗୋଲାପୀ କରାଯିବ, ସେ ନିଷ୍ପତ୍ତି ନିଆଯିବ। ଫାଇଲ୍‌ରେ ସରକାର ଯାହା ବି ଦର୍ଶାନ୍ତୁ, ପ୍ରକୃତ କଥା କିନ୍ତୁ ଏୟା ଯେ' ଆଜିଯାଏ ପୋସ୍କୋ ସରକାରଙ୍କ ତଣ୍ଟିରେ କଣ୍ଟା ହୋଇ ଲାଖିଛି। ବାହାରୁନାହିଁ। ଆମ ଜଗତସିଂହପୁର କୁଜଙ୍ଗ ପ୍ରତିନିଧିଙ୍କ ସୂତ୍ରରୁ ମିଳିଥିବା ତଥ୍ୟ କହୁଛି, ସରକାର କାଗଜକଲମରେ ଅଧିଗ୍ରହଣ ସାରି, ମନେ ମନେ ଜମିର ମାଲିକ ହୋଇଯାଇଛନ୍ତି। ଅସଲ ଦଖଲ ଏଯାଏ ବାକି। ସେତେବେଳକୁ ଲୋକେ ଜମି ଛାଡ଼ିବେ କି' ମେଳି କରି ଠିଆ ହେବେ, ତାହା କହିବା ମୁସ୍‌କିଲ୍। ଏବେ ଷ୍ଟାଟସ୍ ରିପୋର୍ଟ ତିଆରି ପାଇଁ ସିନା ସରକାରୀ ସ୍ତରରେ ତତ୍ପରତା ଖେଳି ବୁଲୁଛି। ନୂଆ ଏମ୍ଓୟୁ, ନୂଆ ସର୍ତ୍ତାବଳି, ଜମି ଅଧିଗ୍ରହଣ, କ୍ଷତିପୂରଣ ପ୍ରଦାନ, ଗ୍ରୀନ୍ ଟ୍ରିବ୍ୟୁନାଲ୍ ଅଙ୍କୁଶ, ଜାତିସଂଘର ପ୍ରତିକୂଳ ମନ୍ତବ୍ୟ.. ଏସବୁ ସମସ୍ୟା ସହ ଯୁଝିବା ବେଳକୁ ସରକାରଙ୍କ ତତ୍ପରତା ରହିବ କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ। ଏପରି ସ୍ଥିତିରେ ସବୁରି ନଜର ସରକାର କି ଜବାବ ଓ ରିପୋର୍ଟ କେନ୍ଦ୍ରକୁ ଦେଉଛନ୍ତି, ତା ଉପରେ ନିବଦ୍ଧ।

## ଗୁଣିଗାରେଡ଼ି ସନ୍ଦେହରେ ବର୍ବର କାଣ୍ଡ

# କୀଟନାଶକ ଇଞ୍ଜେକ୍ସନ୍ ଦେଇ ବୃଦ୍ଧଙ୍କୁ ହତ୍ୟା

ଜୁନାଗଡ଼, ୨୬।୧୦ (ଇମିସ): ଜୁନାଗଡ଼ ଥାନା ଅନ୍ତର୍ଗତ ଦେଦର ଗାଁରେ ଥିବା କଲୋନି ପଡ଼ାରେ ଶନିବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଗୁଣିଗାରେଡ଼ି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ପ୍ରଥମେ ମରଣାନ୍ତକ ଆକ୍ରମଣ ଓ ପରେ କୀଟନାଶକ ଇଞ୍ଜେକ୍ସନ୍ ଦେଇ ହତ୍ୟା କରାଯିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଫେରାର୍ ହେବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତାକୁ କାବୁ କରି ପୁଲିସ୍‌ରେ ଦେଇଥିବା ଜଣାପଡ଼ିଛି।

ପୁଲିସ୍‌ର ସୂଚନା ଅନୁସାରେ କଲୋନିପଡ଼ାର ତମ୍ବୁରୁ ମାଝୀ (୨୬) ଗୁଣିଗାରେଡ଼ି କରି ତା' ପରିବାରକୁ ହଇରାଣ ହରକତ କରୁଥିବା ସନ୍ଦେହ କରି ଉକ୍ତ ଗାଁର ରବି ମାଝୀ (୬୨) ଆଜି ସନ୍ଧ୍ୟାରେ ଆକ୍ରମଣ କରିଥିଲା। ଏକ ଇଟାରେ ତମ୍ବୁରୁ ରବିଙ୍କ ଛାତି ଓ ବେକରେ ଆଘାତ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ଏହା ପରେ ଅଭିଯୁକ୍ତ ଘରେ ଥିବା କୀଟନାଶକ ବିଷକୁ ଇଞ୍ଜେକ୍ସନ୍‌ରେ ପୂରାଇ ଜୋର୍ ଜବରଦସ୍ତି ଦେଇ ଦେବାରୁ ଘଟଣାସ୍ଥଳରେ ରବିଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଫେରାର୍ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ଧରି ତାକୁ ପୁଲିସ୍‌ରେ ଦେଇଥିଲେ। ଏ ନେଇ ପୁଲିସ୍ ଏକ ମାମଲା ରୁଜୁ କରିଥିବା ବେଳେ ଖବର ଲେଖାଯିବା ବେଳକୁ (ରାତି ୧୦ଟା) ଧର୍ମଗଡ଼ ଏସ୍‌ଡିପିଓ ଦୀନବନ୍ଧୁ ସେଠୀ, ଜୁନାଗଡ଼ ଥାନା ଏସ୍‌ଆଇ ମୁନୀ ଆଚାରୀ, ସୁବାସ କରକରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରବିବାର ବ୍ୟବଚ୍ଛେଦ ପରେ ମୃତକଙ୍କ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଡିପିଓ ଶ୍ରୀ ସେଠୀ ସୂଚନା ଦେଇଛନ୍ତି। ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ଅନାହାରରେ ଆଖି ବୁଜିଲେ ବୃଦ୍ଧ

ଖଣ୍ଡଗିରି, ୨୮।୧୦(ଇମିସ): ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ୍ ଛଡାବର ପଞ୍ଚାୟତରେ ଏକ ଅନାହାରଜନିତ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତର ଦୁର୍ଗାପୁର(ଅରିଶଳ) ମୌଜା ଦଳିତ ସାହିରେ ପଠାଣି ଭୋଇ(୬୦) ନାମକ ଜଣେ ବୃଦ୍ଧ ଅନାହାରରେ ମୃତ୍ୟୁବରଣ କରିଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତେବେ ମାମଲାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋଳତାଡ଼ ହେବାବେଳକୁ ଗ୍ରାମବାସୀମାନେ ଶବ ସଂସ୍କାର କରି ସାରିଥିବାରୁ ଏବେ ପ୍ରଶାସନ ଅଡୁଆରେ ପଡ଼ିଥିବା ଜଣାପଡ଼ିଛି।



ମିଳିଥିବା ଖବର ଅନୁସାରେ ଗତ କିଛି ଦିନ ହେଲା ପଠାଣି ଜରାଗ୍ରସ୍ତ ହୋଇ ଭଲଭାବେ ଚଲାବୁଲା କରି ପାରୁନଥିଲେ। କେତେବେଳେ ପର ଦୁଆରେ ଓ ସାହି କୋଠଘର ବାରଣ୍ଡାରେ ଶୋଇ ରହୁଥିଲେ। ମାଗିଯାଚି ପର ହାତଟେକାକୁ ଚାହିଁ ବଞ୍ଚି ରହିଥିବା ପଠାଣି ଗତ ଫାଇଲିନ୍ ପରେ ଏକ ପ୍ରକାର ଅଚଳ ହୋଇ ପଡ଼ିଥିଲେ। ଏହାସାଙ୍ଗକୁ ବାତ୍ୟା ପରେ ପରେ ଲଘୁଚାପଜନିତ ଲଗାଣ ବର୍ଷାରେ ଲୋକଙ୍କ ଅବସ୍ଥା ସାଂଘାତିକ ହୋଇ ପଡ଼ିଥିବାରୁ ସେମାନେ ନିଜ କଥା ବୁଝୁବୁଝୁ ପଠାଣିଙ୍କ ପାଇଁ ସମୟ ପାଇନଥିଲେ। ତେଣୁ ଖାଇବାକୁ ନପାଇ ଅନାହାରରେ ଆଜି ପଠାଣିଙ୍କ ମୃତ୍ୟୁ ଘଟିଲା ବୋଲି ଗ୍ରାମବାସୀମାନେ କହିଛନ୍ତି। କେବଳ ସେତିକି ନୁହେଁ, ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପଠାଣି ଭୂମିହୀନ, ନିଃସ୍ୱ ଓ ଏକାନ୍ତ। ପରିବାର କହିଲେ ସେ ଏକା। ମାତ୍ର ପ୍ରଶାସନ ପକ୍ଷରୁ ତାଙ୍କୁ କୌଣସି ପ୍ରକାର ସହାୟତା ମିଳିନଥିଲା। ତାଙ୍କୁ ନା ମିଳିଥିଲା ବିପିଏଲ୍ କାର୍ଡ, ନା ମିଳିଥିଲା ବାର୍ଦ୍ଧକ୍ୟ ଭତ୍ତା। ଅନ୍ତ୍ୟୋଦୟ ଯୋଜନା ଭଳି ସରକାରୀ ଯୋଜନା ବି ତାଙ୍କ ପାଇଁ ଅପହଞ୍ଚ। ଏମିତିକି ସେ ଏପିଏଲ୍ କାର୍ଡଧାରୀ ହୋଇଥିଲେ ବି ତାଙ୍କୁ ଗହମ ଓ କିରାସିନି ମିଳୁନଥିଲା। ତେଣୁ ଶେଷରେ ସେ ଏଭଳି ମୃତ୍ୟୁର ଶିକାର ହୋଇଛନ୍ତି ବୋଲି ଗ୍ରାମବାସୀମାନେ କହିଛନ୍ତି।

ଏନେଇ ଜଟଣୀ ବିଡିଓ ଆଶୁତୋଷ ସାମଲଙ୍କ ସହ ଯୋଗାଯୋଗ କରିବାରେ ସେ ଅନାହାରଜନିତ ମୃତ୍ୟୁକୁ ଖଣ୍ଡନ କରିଛନ୍ତି। ଗ୍ରାମବାସୀମାନେ ଏନେଇ ବ୍ଲକ୍ ପ୍ରଶାସନକୁ ପୂର୍ବରୁ ଅବଗତ କରାଇବାର ଥିଲା। ମୃତ୍ୟୁ ପରେ ଅଭିଯୋଗ କରିବା କେବଳ ମାମଲାକୁ ରଙ୍ଗ ଦେବା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ସେ କହିଥିଲେ। ଏହାବାଦ୍ ଶବ ସଂସ୍କାର କରିସାରିଥିବାରୁ ବ୍ୟବଚ୍ଛେଦ ହୋଇ ପାରିଲା ନାହିଁ, ତେଣୁ ପଠାଣିଙ୍କ ମୃତ୍ୟୁ ଅନ୍ୟ କୌଣସି କାରଣରୁ ହୋଇଥାଇପାରେ ବୋଲି ସେ କହିଛନ୍ତି। ସେହିଭଳି ଜଟଣୀ ତହସିଲଦାର ଅନୁରୂପ ମନ୍ତବ୍ୟ ଦେଇ କହିଛନ୍ତି ଯେ ସେ ଫାଇଲିନ୍‌ଜନିତ କ୍ଷୟକ୍ଷତି ଆକଳନ କରିବାକୁ ଉକ୍ତ ସାହିକୁ ଯାଇଥିବାବେଳେ କେହି ପଠାଣିଙ୍କ ବାବଦରେ ତାଙ୍କୁ ଅବଗତ କରାଇନଥିଲେ।

ତେଣୁ ଏବେ ପ୍ରଶାସନ ଗ୍ରାମବାସୀଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଉଦ୍ୟମ କରୁଛି ବୋଲି ଚର୍ଚ୍ଚା ହେଉଛି। ଏଭଳି ଜଣେ ନିଃସ୍ୱ ବ୍ୟକ୍ତି ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହେବା ପଛରେ କିଏ ଦାୟୀ ବୋଲି ପ୍ରଶ୍ନ ଉଠୁଛି। ଏନେଇ ୱାର୍ଡ ସଭ୍ୟ ସନାତନ ବେହେରାଙ୍କ ମତ ଯେ ଯେଉଁଠି ଏପିଏଲ୍ କାର୍ଡ ଥାଇ ଗହମ ମୁଠାଏ ମିଳିଲାନାହିଁ, ସେଠି ଅଧିକା କିଛି କ'ଣ ଆଶା କରାଯାଏ। ଏନେଇ ସେ ନିଜେ ବ୍ଲକ ପ୍ରଶାସନର ଦୃଷ୍ଟି ଗୋଚର କରିଥିଲେ। ମାତ୍ର କିଛି ଫଳ ମିଳିନଥିଲା ବୋଲି ସେ କହିଛନ୍ତି। ଏହି ଗାଁରେ ବହୁ ଥିଲାବାଲା ବିପିଏଲ୍ ହିତାଧିକାରୀ ହୋଇ ସରକାରୀ ଯୋଜନାରୁ ଫାଇଦା ନେଉଥିବାବେଳେ ବିଚରା ପଠାଣିଙ୍କ କଥା କେହି ବି ବୁଝିନଥିଲେ ବୋଲି ସେ କହିଥିଲେ। ସେହିଭଳି ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗଙ୍କ କହିବା କଥା ଯେ ପଠାଣିଙ୍କ ବାବଦରେ ତାଙ୍କୁ ଲୋକେ ବହୁ ବିଳମ୍ବରେ ଜଣାଇଥିଲେ। ତେଣୁ ସେ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇବାକୁ ସମସ୍ତ ପଦକ୍ଷେପ ନେଇଥିଲେ। ହେଲେ ସମୟସାପେକ୍ଷ କାମ ହେତୁ ତାଙ୍କୁ ମିଳିପାରିନଥିଲା।

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଦୁର୍ଯ୍ୟୋଧନ

# ଚିକିତ୍ସାରେ ଅର୍ଥ ବାଧକ

କଣ୍ଟିଲୋ, ୩୦/୧୦ (ଇମିସ): କଣ୍ଟିଲୋ ପଞ୍ଚାୟତ ପାଣ୍ଡୁସାହୁପାଟଣା ବାସିନ୍ଦା ଦୁର୍ଯ୍ୟୋଧନ ମଣ୍ଡଳ (୫୫) ଏବେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଦାରିଦ୍ର୍ୟର ସୀମାରେଖା ତଳେ ବସବାସ କରୁଥିବା ଦୁର୍ଯ୍ୟୋଧନ ଚାଷ



କାମ କରି ଅତ୍ୟନ୍ତ କଷ୍ଟରେ ୫ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ କରି ଆସୁଥିବା ବେଳେ ନିଜ ରୋଗ ବାବଦରେ କେବେ ମଧ୍ୟ ଚିନ୍ତା କରିବାର ସମୟ ପାଇନାହାନ୍ତି। ଧୀରେ ଧୀରେ ରୋଗ ତାଙ୍କୁ କବଳିତ କରିସାରିବା ପରେ ଗତ ଏଇ ବର୍ଷେ ହେବ ତାଙ୍କ ଦୁଇଟିଯାକ କିଡ୍‌ନୀ ଖରାପ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଘରେ ଯାହା କିଛି ଥିଲା, ତାହା ବିକିବଟା କରି ସ୍ଥାନୀୟ ଡାକ୍ତରଖାନା ଠାରୁ ଆରମ୍ଭ କରି ଭୁବନେଶ୍ୱର କିମ୍‌ସ ମେଡିକାଲ ପର୍ଯ୍ୟନ୍ତ ପହଞ୍ଚି ଥିଲେ। ଏହା ମଧ୍ୟରେ ଚାଷ କାମରେ ସାହାଯ୍ୟ କରିଥିବା ଦୁଇଟି ବଳଦକୁ ମଧ୍ୟ ବିକ୍ରି କରିଦେଇଛନ୍ତି। ତଥାପି ମଧ୍ୟ ତାଙ୍କ ରୋଗ ଭଲ ହୋଇନାହିଁ। ଚିକିତ୍ସା କରିବା ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଆବଶ୍ୟକ ପଡୁଥିବା ବେଳେ ନିଃସ୍ୱ ଦୁର୍ଯ୍ୟୋଧନ ଏବେ ଭଗବାନଙ୍କ ଭରସାରେ ପଡ଼ି ରହିଛନ୍ତି। ଅର୍ଥାଭାବରୁ ଚିକିତ୍ସା ହୋଇପାରୁ ନ ଥିବା ଦୁର୍ଯ୍ୟୋଧନଙ୍କୁ ସରକାରଙ୍କ ରୋଗୀ ସହାୟକ ପାଣ୍ଠିରୁ ସାହାଯ୍ୟ ଯୋଗାଇ ଦେବା ସହ ଅନ୍ୟାନ୍ୟ ସହୃଦୟ ବ୍ୟକ୍ତି ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାର ହାତ ବଢ଼ାଇବା ପାଇଁ ତାଙ୍କ ସ୍ତ୍ରୀ ଶକୁନ୍ତଳା ଅନୁରୋଧ କରିଛନ୍ତି। ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନ ମୋବାଇଲ ନମ୍ବର ୯୭୭୬୫୯୦୦୮୬, ୮୫୯୯୮୩୯୯୨୩, ୯୭୭୬୧୨୮୧୧୦ ରେ ଯୋଗାଯୋଗ କରିବାକୁ ଅନୁରୋଧ। କିମ୍ବା ରାନୁ ମଣ୍ଡଳ, ବ୍ୟାଙ୍କ୍ ଏ/ସି ନଂ. ୯୩୬୬, ୟୁକୋ ବ୍ୟାଙ୍କ୍, କଣ୍ଟିଲୋ ବ୍ରାଞ୍ଚରେ ସାହାଯ୍ୟ ରାଶି ଜମା କରିବାକୁ ଅନୁରୋଧ।

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557.***